ଧରିତ୍ରୀ
DHARITRI
September 3-9, 2023 ₹ 2/-

ଛୁଟିଦିନ




# ପ୍ରିୟ ଛାତ୍ର

ପରାଜିତ ହୋଇ ବି ବିଜୟ ଗର୍ବରେ ଯିଏ ଉଲ୍ଲସିତ ହୋଇପାରନ୍ତି, ସେ କେବଳ ଗୁରୁ । ଶିଷ୍ୟଠାରୁ ବାରମ୍ବାର ଜ୍ଞାନର ପରିସରରେ ହାରିବାରେ ହିଁ ଥାଏ ତାଙ୍କର ଆନନ୍ଦ। ଆଉ ଆନନ୍ଦ ଥାଏ ପ୍ରିୟ ଶିଷ୍ୟର ପଥପ୍ରଦର୍ଶକ ହେବାରେ...

**ପ୍ରଚ୍ଛଦ ପ୍ରସଙ୍ଗ**

**୩**



# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ସେପ୍ଟେମ୍ବର ୩-୯

**ମେଷ**



ଦକ୍ଷତା ବୃଦ୍ଧି, ପ୍ରତିବନ୍ଧକ ଦୂରେଇଯିବ, ଟେନ୍ସନ କମିବ, ବାଣିଜ୍ୟରେ ପ୍ରତିଦ୍ୱନ୍ଦ୍ୱିତା, ଗୃହସୀମା ବିବାଦ, ଭ୍ରମଣ ସୁଯୋଗ, ଅର୍ଥନୈତିକ ଅଭିବୃଦ୍ଧି, ପଡୋଶୀଙ୍କ ସହାନୁଭୂତି, ନିଯୁକ୍ତି ଖବର ପାଇବେ, ମିତ୍ରତା ବଢ଼ିବ ॥

**ବୃଷ**



ସମସ୍ୟା ଆସିପାରେ, ବନ୍ଧୁଙ୍କ ପରାମର୍ଶ, ନୂତନ କର୍ମାରମ୍ଭ, ସ୍ୱାସ୍ଥ୍ୟରେ ଉନ୍ନତି, ସାମାଜିକ ପ୍ରଶଂସା, ପଡୋଶୀଙ୍କ ଆକ୍ଷେପୋକ୍ତି, ସହକର୍ମୀଙ୍କ ବଦାନ୍ୟତା, ବ୍ୟବସାୟିକ ଉନ୍ନତି, ଦୂରଯାତ୍ରା ପାଇଁ ପ୍ରସ୍ତୁତି ॥

**ମିଥୁନ**



କର୍ମକ୍ଷେତ୍ରରେ ପ୍ରାଧାନ୍ୟତା, ଆନୁଷ୍ଠାନିକ ଦାୟିତ୍ୱ, ପଡୋଶୀଙ୍କ ସହ ମିତ୍ରତା, ମୂଲ୍ୟବାନ୍ ଦ୍ରବ୍ୟ ପ୍ରାପ୍ତି, ଭ୍ରମଣ ସୁଯୋଗ, ଶାରୀରିକ ଅସୁସ୍ଥତା, ମାନସିକ ଅସ୍ଥିରତା, ସନ୍ତାନ ହେତୁକ ଗୌରବ, ଋଣସୂତ୍ରରେ ଅର୍ଥପ୍ରାପ୍ତି , ତୀର୍ଥାଟନ ଚିନ୍ତା ॥

**କର୍କଟ**



କର୍ମକ୍ଷେତ୍ରରେ ପ୍ରଶଂସା, କରଜଦାତାଙ୍କ ଚାପବୃଦ୍ଧି, ବନ୍ଧୁ ସମ୍ପର୍କରେ ଉନ୍ନତି, ଯାନବାହନ କ୍ରୟବିକ୍ରୟ, ରାଜକୀୟ ସମ୍ମାନ, ମାଙ୍ଗଳିକ କାମ, ପାରିବାରିକ ଶାନ୍ତି, ରୋଗପୀଡା ହ୍ରାସ ॥

**ସିଂହ**



ବନ୍ଧୁମିଳନରୁ ଆନନ୍ଦ, କାର୍ଯ୍ୟ ସମ୍ପୂର୍ଣ୍ଣ ହେବ, ଅର୍ଥ ସମ୍ମାନ ଲାଭ, ପାରିବାରିକ ମତାନ୍ତର, ସାମାଜିକ ସମ୍ମାନ, ଆଶା ଅପୂରଣ ରହିବ, ବନ୍ଧୁ ସାହାଯ୍ୟ କରିବେ, ମଧ୍ୟସ୍ଥତାରୁ ବିବାଦ, ବ୍ୟବସାୟରେ ଉନ୍ନତି, ସାଂସ୍କୃତିକ କାର୍ଯ୍ୟାରମ୍ଭ ॥

**କନ୍ୟା**



ପଡୋଶୀଙ୍କ ସଦ୍‌ଭାବ, କାମ ଅଟକି ରହିବ, ଲେଖାପଢାରେ ଉନ୍ନତି, ଆନୁଷ୍ଠାନିକ କାର୍ଯ୍ୟାରମ୍ଭ, ଲକ୍ଷ୍ୟ ପୂରଣ ହେବ, ପାରିବାରିକ ଶାନ୍ତି, ବାଣିଜ୍ୟରେ ପ୍ରତିବନ୍ଧକ, ଆତ୍ମୀୟଙ୍କ ଅସହଯୋଗ, ଶ୍ରମଜନିତ କ୍ଳାନ୍ତିବୋଧ, ଧର୍ମକାର୍ଯ୍ୟ କରିବେ ॥

**ତୁଳା**



ମାନସିକ ଦ୍ୱନ୍ଦ୍ୱର ଅବସାନ, ବ୍ୟବସାୟିକ ସଫଳତା, ଲୋକ ସମ୍ପର୍କ ବୃଦ୍ଧି, ଆନୁଷ୍ଠାନିକ ଆଲୋଚନା, ସମ୍ପର୍କୀୟଙ୍କ ସହଯୋଗ, ବନ୍ଧୁସମ୍ପର୍କ ହାନି, ମାଙ୍ଗଳିକ କାର୍ଯ୍ୟର ପ୍ରସ୍ତୁତି, ଶିକ୍ଷାରେ ଉନ୍ନତି, ଗବେଷଣାରେ ଅଗ୍ରଗତି ॥

**ବିଛା**



ଯାତ୍ରାରେ ଲକ୍ଷ୍ୟପୂରଣ, ସୁଯୋଗ ପାଇବେ, ବ୍ୟୟାଧିକ୍ୟରୁ ମନସ୍ତାପ, ପାରିବାରିକ ସହଯୋଗ, କର୍ମମୁଖର ହୋଇପାରନ୍ତି, ଯାତ୍ରାରେ ସଫଳତା, ଯୁକ୍ତିତର୍କରୁ ଅସମ୍ମାନ, ସାମାଜିକ ସମ୍ମାନ ପାଇବେ ॥

**ଧନୁ**



ନୂତନ କାର୍ଯ୍ୟାରମ୍ଭ, ବନ୍ଧୁଙ୍କ ସାହାଯ୍ୟ, ଭ୍ରମଣପ୍ରିୟ ହେବେ, ପାରିବାରିକ ସହମତି, ସମସ୍ୟାକୁ ସୁଧାରି ନେବେ, ସ୍ତ୍ରୀଙ୍କ ପରାମର୍ଶ, ମିଥ୍ୟାଭିଯୋଗ ଆସିପାରେ, ଠକାମିରେ ପଡିପାରନ୍ତି, ବିବାଦରେ ପଶନ୍ତୁ ନାହିଁ ॥

**ମକର**



ସହକର୍ମୀଙ୍କ ପରାମର୍ଶ, ବିବାଦରେ ବିଜୟ, କଳାସାହିତ୍ୟରୁ ସମ୍ମାନ, ଅଶାନ୍ତିକର ପରିବେଶ, ପରୋକ୍ଷ ଶତ୍ରୁତା, ଅତୀତଘଟଣାରୁ ବ୍ୟସ୍ତତା, ସମ୍ପର୍କ ତୁଟିଯିବ, ବିଦେଶଯାତ୍ରାର ସୁଯୋଗ, ଧର୍ମକାର୍ଯ୍ୟ କରିବେ ॥

**କୁମ୍ଭ**



ଦୁଶ୍ଚିନ୍ତା ଦୂର ହେବ, ଶୁଭଖବର ପ୍ରାପ୍ତି, ବନ୍ଧୁଙ୍କ ବଦାନ୍ୟତା, ଡାକ୍ତରଙ୍କ ପରାମର୍ଶ, ପରିବହନରେ ଝଗଡା, ସମ୍ପର୍କୀୟଙ୍କ ସହ ମିତ୍ରତା, ଗବେଷଣାରେ ଅଗ୍ରଗତି, ପରୋକ୍ଷ ଶତ୍ରୁତା, ଧାରକରଜ କରିବେ, ଯାନବାହନରେ ତ୍ରୁଟି, ଶିଳ୍ପବାଣିଜ୍ୟରେ ଉନ୍ନତି ॥

**ମୀନ**



ଆର୍ଥିକ ଦୂରବସ୍ଥା, ଆତ୍ମୀୟଙ୍କ ସହଯୋଗ, ଅପ୍ରିୟ ସତ୍ୟ ଭାଷଣରୁ କଳହ, ଯାତ୍ରାରେ ସଫଳତା, ଜମିଜମା ରେଜିଷ୍ଟ୍ରେସନ, ସ୍ଥାନାନ୍ତର ଜନିତ ଦୁଶ୍ଚିନ୍ତା, ନିର୍ମାଣର ପୂର୍ଣ୍ଣତା, ଋଣ ପରିଶୋଧ, ଉପରିସ୍ଥଙ୍କ ଅନୁକମ୍ପା, ପରିବେଶ ବଦଳିଯିବ ॥

# କେଉଁ ଉପହାର ଶୁଭ

ବାହାଘର ହେଉ କି ଜନ୍ମଦିନ ପାର୍ଟିରେ ସାଧାରଣତଃ ଉପହାର ଦେବା ନେବାର ଚଳଣି ଦେଖିବାକୁ ମିଳିଥାଏ। ତେବେ ବାସ୍ତୁଶାସ୍ତ୍ର ଅନୁଯାୟୀ, ଏମିତି ବି କିଛି ଜିନିଷ ରହିଛି; ଯାହାକୁ ଉପହାର ସ୍ୱରୂପ କାହାକୁ ଦେଲେ ଉଭୟ ଦେଉଥିବା ଓ ଗ୍ରହଣ କରୁଥିବା ଲୋକଙ୍କର ମଙ୍ଗଳ ହୋଇଥାଏ। ଯେମିତି କି:



* ମାଟିରେ ତିଆରି ମୂର୍ତ୍ତି ହେଉ ଅବା ଅନ୍ୟ କିଛି ଗିଫ୍ଟ ଆଇଟମ୍‌କୁ ଉପହାର ସ୍ୱରୂପ ଦେବା ଶୁଭ ହୋଇଥାଏ। ଏହାଦ୍ୱାରା ବହୁତ ଦିନ ଧରି ଅଟକି ରହିଥିବା କାମ ସୁରୁଖୁରୁରେ ହେବା ସହିତ ଆୟ ବୃଦ୍ଧି ହୋଇଥାଏ ବୋଲି ବିଶ୍ୱାସ ରହିଛି।
* ବାସ୍ତୁଶାସ୍ତ୍ର ଅନୁଯାୟୀ, ରୁପାରେ ତିଆରି ଜିନିଷକୁ ଉପହାର ଦେବା ଅଥବା ପାଇବା ଅତ୍ୟନ୍ତ ଶୁଭ ହୋଇଥାଏ। ଏହାଦ୍ୱାରା ମହାଲକ୍ଷ୍ମୀ ସନ୍ତୁଷ୍ଟ ହୋଇଥାନ୍ତି ଆଉ ଘରେ ଅଭାବ ଦେଖାଯାଇ ନ ଥାଏ ବୋଲି ମାନ୍ୟତା ରହିଛି।
* ହାତୀକୁ ସମୃଦ୍ଧି, ସାହସ ଓ ଜ୍ଞାନର ପ୍ରତୀକ ବୋଲି କୁହାଯାଇଥାଏ। ତେଣୁ ଯୋଡ଼ା ହାତୀର ମୂର୍ତ୍ତିକୁ ଗିଫ୍ଟରେ କାହାକୁ ଦେଲେ କିମ୍ବା ପାଇଲେ ସୌଭାଗ୍ୟ ପ୍ରାପ୍ତି ହୋଇଥାଏ। ଧ୍ୟାନଦେବେ ରୁପା, ପିତ୍ତଳ କିମ୍ବା କାଠରେ ତିଆରି ହାତୀ ମୂର୍ତ୍ତି ଦେଇପାରିବେ ହେଲେ ଭୁଲ୍‌ରେ ବି କାଚର ମୂର୍ତ୍ତି ଦେବେ ନାହିଁ।
* ୭ଟିଘୋଡ଼ା ଦଉଡୁଥିବାର ଫଟୋକୁ ଗିଫ୍ଟରେ ଦେବା କିମ୍ବା ପାଇବା ମଧ୍ୟ ଶୁଭ ସୂଚନା ଦେଇଥାଏ।
* ଶ୍ରୀ ଯନ୍ତ୍ରକୁ ବାସ୍ତୁରେ ସବୁଠାରୁ ଶକ୍ତିଶାଳୀ ଯନ୍ତ୍ର ବୋଲି କୁହାଯାଇଥାଏ। ଏହି ଯନ୍ତ୍ରକୁ ଠିକ୍ ଭାବେ ଉପଯୋଗ କଲେ ଘରେ ସୁଖସମୃଦ୍ଧି ଆସିଥାଏ। ଶ୍ରୀ ଯନ୍ତ୍ରକୁ ପବିତ୍ର ମନରେ କାହାକୁ ଉପହାର ଦେବା ଅଥବା ଗ୍ରହଣ କରିବା ବି ଶୁଭ ହୋଇଥାଏ।

# ପଢ଼ାରେ ମନ ଲାଗିବା ପାଇଁ

**ବା**ସ୍ତୁଶାସ୍ତ୍ର ଅନୁଯାୟୀ, ଘରର ବାତାବରଣ ଯେତେ ସକାରାତ୍ମକ ରହିବ, ପିଲାଙ୍କର ପଢ଼ାରେ ସେତେ ଆଗ୍ରହ ବଢ଼ିବ। ସେଥିପାଇଁ ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ଥିବା କିଛିଟା ନିୟମ ମାନିଲେ ଅନେକାଂଶରେ ସୁଫଳ ମିଳିଥାଏ ବୋଲି ବିଶ୍ୱାସ ରହିଛି। ଯେମିତି କି: ପିଲାଙ୍କ ଷ୍ଟଡି ରୁମ୍‌ରେ କେବେ ବି ଭୋଜନ କରିବା ଠିକ୍ ନୁହେଁ। ଯଦି କରୁଛନ୍ତି, ତେବେ ଖାଇ ସାରିବା ପରେ ତୁରନ୍ତ ଅଇଁଠା ବାସନକୁ ସେଠାରୁ କାଢ଼ିଦେବା ଦରକାର। ପାଠ ପଢ଼ିବା ସମୟରେ ଅଇଁଠା ବାସନ ପଡିରହିଲେ ବିଦ୍ୟାର୍ଥୀଙ୍କର ଧ୍ୟାନ ବାରମ୍ବାର ସେହି ବାସନ ଆଡ଼କୁ ଯାଇ ପଢ଼ାରେ ବାଧା ସୃଷ୍ଟି ହୋଇଥାଏ। ସେହିପରି ବିଦ୍ୟାର୍ଥୀ ଉତ୍ତର-ପୂର୍ବ କୋଣକୁ ମୁହଁ କରି ପଢ଼ିବା ଉତ୍ତମ। ଯଦି ଏହା ସମ୍ଭବ ହେଉନାହିଁ ତା'ହେଲେ ସେମାନେ ପୂର୍ବ/ ପଶ୍ଚିମ ହେଉ ଅବା ଉତ୍ତର ଦିଗକୁ ମୁହଁ କରି ପଢିପାରିବେ। କିନ୍ତୁ ଦକ୍ଷିଣ ଦିଗକୁ ମୁହଁ କରି ପଢିବା ଆଦୌ ଶୁଭ ନୁହେଁ। ଷ୍ଟଡି ରୁମ୍‌ର ପୂର୍ବ-ଉତ୍ତର ଦିଗରେ ଝରକା ଥିଲେ ଏବଂ ଏହି ରୁମ୍‌ର ଛାତ ପିରାମିଡ୍ ଶେପ୍‌ର ହୋଇଥିଲେ ବିଦ୍ୟାର୍ଥୀଙ୍କର ପାଠ ବହୁତ ଦିନ



ଯାଏ ମନେରହିଥାଏ ବୋଲି ବିଶ୍ୱାସ ରହିଛି। ଅନ୍ୟପକ୍ଷେ ଷ୍ଟଡି ରୁମ୍‌ରେ ପ୍ରଭୁ ଶ୍ରୀଗଣେଶଙ୍କର ହେଉ ଅବା ମାତା ସରସ୍ୱତୀଙ୍କର ଅଥବା ନିଜ ପ୍ରିୟ ଦେବୀଦେବତାଙ୍କର ଫଟୋ ଲଗାଇଲେ ବି ପଢ଼ାରେ ଏକାଗ୍ରତା ବଢ଼ିଥାଏ ବୋଲି ବିଶ୍ୱାସ ରହିଛି।

# ପାଠକୀୟ

* ଭୂମିକମ୍ପର ଭୟାବହତା କ'ଣ ତାହା କେବଳ ଅନୁଭବୀ ହିଁ ଜାଣେ। ସବୁଠୁ ବଡ଼ କଥା ହେଲା ଏହା ଆକସ୍ମିକ। ସେଇଥିପାଇଁ ଏହାର ଭୟାବହତା ସବୁଠୁ ଅଧିକ। ତେବେ କାହିଁକି ହୁଏ ଏହି ଭୂମିକମ୍ପ, କ'ଣ ରହିଛି ଏହାର କାରଣ ; ଯାହାକୁ ନେଇ ପ୍ରସ୍ତୁତ କରାଯାଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ଭୂମିକମ୍ପର କଥା' ସତରେ ବେଶ୍ ଶିକ୍ଷଣୀୟ ହୋଇପାରିଥିଲା। 'ସୁଖଶାନ୍ତିରେ ରହିବା ପାଇଁ ବାସ୍ତୁ', 'ଭାଗ୍ୟ ବଦଳାଇବ ଫୁଲ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

*– ମୌସୁମୀ ମହାନ୍ତି, ପଟିଆ, ଭୁବନେଶ୍ୱର*

* ଛୁଟିଦିନର ପ୍ରଚ୍ଛଦ ପ୍ରସଙ୍ଗରେ ସ୍ଥାନ ପାଇଥିବା 'ଭୂମିକମ୍ପର କଥା' ଏକ ସମୟୋପଯୋଗୀ ତଥା ତଥ୍ୟପୂର୍ଣ୍ଣ ଆଲେଖ୍ୟ ଥିଲା। ସେଲିବ୍ରିଟି ସିକ୍ରେଟ୍‌ରୁ ଅଭିନେତ୍ରୀ କୁକିଜ୍ ସ୍ୱାଇଁଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ 'ଅନେକରେ ଏକ ସୁସ୍ମିତା ମହାପାତ୍ର'ଙ୍କ ଜୀବନୀ ସମ୍ପର୍କରେ ବହୁ ଗୁରୁତ୍ୱପୂର୍ଣ୍ଣ କଥା ଜାଣିହେଲା।

*– ସୁଶାନ୍ତ ବେହେରା, ଡେଲାଙ୍ଗ, ପୁରୀ*

* ସୃଜନ ପୃଷ୍ଠାରେ ସ୍ଥାନିତ 'ଦେଶାତ୍ମ' ଶୀର୍ଷକ ଗପଟି ବେଶ୍ ମନଛୁଆଁ ହୋଇଥିଲା। ସେହିପରି 'ବର୍ଷା ତୁମେ ଫେରିଯାଅ', 'ନଈ ବାଲି' ଆଦି କବିତାଗୁଡ଼ିକ ମଧ୍ୟ ହୃଦୟସ୍ପର୍ଶୀ ଥିଲା। ସିନେମା ପୃଷ୍ଠାଟି ବି ଆକର୍ଷଣୀୟ ଲାଗୁଥିଲା। ବିଶେଷକରି ଏଥିରେ ସ୍ଥାନିତ 'କାନ୍ଦିଲେ କିଆରା', 'ଏମଭି-୭୯: ସପନ କୁଣ୍ଡୁ', 'ଭୂମିଙ୍କ ଖୁସି', 'ଯୱାନ' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବେଶ୍ ମନଛୁଆଁ ହୋଇଥିଲା।

*– ସୁକାନ୍ତି ସୁଚରିତା ଦାଶ, ଜଟଣୀ, ଖୋର୍ଦ୍ଧା*

* ସାହିତ୍ୟିକା ତଥା ସାମାଜିକ କର୍ମୀ ଉଷାରାଣୀ ମହାନ୍ତିଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ମନଛୁଆଁ ହୋଇପାରିଥିଲା। ସାଥୀର ଉତ୍ତର ବି ବେଶ୍ ରୋମାଣ୍ଟିକ ଲାଗୁଥିଲା। ପଟ୍ଟଚିତ୍ର ପାଇଁ ପ୍ରଦ୍ୟୁମ୍ନ ମହାପାତ୍ର କିପରି ପରିଚୟ ପାଇଲେ ତାହା ଜାଣି ଖୁସି ଲାଗିଲା। '୧୧୨ କୋଟିର ଗୋଲାପ' ପାଠଟି ବି ସତରେ ବେଶ୍ ଅଜବ ଥିଲା।

*– ଚିତ୍ତରଞ୍ଜନ ମହାନ୍ତି, ସୁନ୍ଦରଗଡ଼*

* ମଡେଲ୍ ମିରର୍‌ରେ ରାମେଶ୍ୱରୀ ବେଶ୍ ସୁନ୍ଦରୀ ଲାଗୁଥିଲେ। 'ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଚିକ୍‌ମଗଲୁର' ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ବିବିଧା ଓ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ନିର୍‌ମା ଗର୍ଲ', 'ବାର୍ବି ଥିମ୍ କଫିନ୍', 'ଦାମୀ କେଟ୍‌ଲୀ', 'ସେଲ୍ଫି ଟୋଷ୍ଟର', 'ବେବି ମ୍ୟୁଟ୍ ମାସ୍କ' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ଯେତିକି ଆଶ୍ଚର୍ଯ୍ୟକର ଥିଲା ସେତିକି ତଥ୍ୟପୂର୍ଣ୍ଣ ହୋଇଥିଲା। ସେହିପରି 'ଦେଶଭକ୍ତି ମେଡ୍ ଇଜି' ଶୀର୍ଷକ ବ୍ୟଙ୍ଗଟି ବି ବେଶ୍ ଶିକ୍ଷଣୀୟ ହୋଇପାରିଥିଲା।

*– ବିକ୍ରମ ସାହୁ, ନୟାଗଡ଼*

## ବିଶେଷ ଚିଠି



ଏଥରର ପ୍ରଚ୍ଛଦ ଭୂମିକମ୍ପର କଥା
ହୋଇଥିଲା ଭାରି ବଢ଼ିଆ,
ଭୂମିକମ୍ପ ସମ୍ପର୍କରେ ବିଭିନ୍ନ କଥା
ଜାଣି ହେଲି ବାଇଆ।
ସୃଜନ, ସିନେମା, ସହର ବି
ଲାଗୁଥିଲା ଭାରି ଖାସ୍
ସାଥୀର ଉତ୍ତର ପଢ଼ି
ମନ ହୋଇଗଲା ବିନ୍ଦାସ୍।
ହେ ମୋର ପ୍ରିୟ ଛୁଟିଦିନ
କିଣିନିଅ ଏହିପରି ସଭିଙ୍କ ମନ।

*– ପ୍ରମିଳା ସାମନ୍ତରାୟ, ସମ୍ବଲପୁର*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

# ପ୍ରିୟ ଛାତ୍ର

**ପରାଜିତ ହୋଇ ବି ବିଜୟ ଗର୍ବରେ ଯିଏ ଉଲ୍ଲସିତ ହୋଇପାରନ୍ତି, ସେ କେବଳ ଗୁରୁ । ଶିଷ୍ୟଠାରୁ ବାରମ୍ବାର ଜ୍ଞାନର ପରିସରରେ ହାରିବାରେ ହିଁ ଥାଏ ତାଙ୍କର ଆନନ୍ଦ। ଆଉ ଆନନ୍ଦ ଥାଏ ପ୍ରିୟ ଶିଷ୍ୟର ପଥପ୍ରଦର୍ଶକ ହେବାରେ...**





ଗୁରୁଙ୍କ ସ୍ଥାନ ସବୁବେଳେ ସର୍ବାଗ୍ରେ। ଶିକ୍ଷା ମଣିଷର ବ୍ୟକ୍ତିତ୍ୱ ବିକଶିତ କରିଥାଏ । ଦିନଥିଲା ଶିକ୍ଷାଗ୍ରହଣ ପାଇଁ ଶିଷ୍ୟମାନେ ଯାଉଥିଲେ ଗୁରୁକୁଳ ଆଶ୍ରମ ତ ପୁଣି କେହି କେହି ଯାଉଥିଲେ ଗାଁ ଚାଟଶାଳୀକୁ। ଶିଷ୍ୟଙ୍କୁ ଉତ୍ତମରୂପେ ଗଢ଼ିବାରେ ଗୁରୁଙ୍କ ଭୂମିକା ଥିଲା ସ୍ୱତନ୍ତ୍ର । ଯେଉଁଥି ପାଇଁ ଜଣେ ଆର୍ଦଶ ଗୁରୁଙ୍କଠାରୁ ଉତ୍ତମ ଶିକ୍ଷାଲାଭ କରିଥିବା ଶିଷ୍ୟ ନିଜକୁ ଧନ୍ୟ ମନେକରିଥାନ୍ତି। ସେହିପରି ସମାଜରେ ଉତ୍ତମ ବ୍ୟକ୍ତିଭାବେ ପରିଚିତ ହୋଇଥିବା ଉତ୍ତମ ଶିଷ୍ୟଙ୍କ ପାଇଁ ଗୁରୁ ମଧ୍ୟ ନିଜକୁ ଗୌରବାନ୍ୱିତ ମନେକରିଥାନ୍ତି। ସେମିତି କେତେଜଣ ଗୁରୁ ଏବଂ ଶିଷ୍ୟଙ୍କ ସମ୍ପର୍କରେ ...

**କେବଳ ଗୁରୁଜୀଙ୍କ ପାଇଁ ସମ୍ଭବ:** ଦୀର୍ଘ ୪୦ବର୍ଷରୁ ଊର୍ଦ୍ଧ୍ୱ ହେବ ବୈଦିକ ଶିକ୍ଷା ପ୍ରଦାନ କରିବା ସହିତ ବେଦପୀୟୂଷର ସମ୍ପାଦନା କରିଆସୁଥିବା ତଥା ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଧାନ ଆଚାର୍ଯ୍ୟ ଓ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ **ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା**। ଶିକ୍ଷକତା ସମୟରେ ଗଢ଼ିତୋଳିଥିବା ଛାତ୍ରୀଛାତ୍ରଙ୍କ ସମ୍ପର୍କରେ ସେ କୁହନ୍ତି –ସଂସ୍କୃତି ଶିକ୍ଷା ବିଭାଗ ରାଜସ୍ଥାନର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ନିରଞ୍ଜନ ସାହୁ ମୋର ଅନ୍ୟତମ ପ୍ରିୟ ଛାତ୍ର । ସେତେବେଳେ ନିରଞ୍ଜନଙ୍କ ପରିବାର ଆର୍ଥିକ ସ୍ୱଚ୍ଛଳ ନ ଥିଲା। ନାନା ଅସୁବିଧା ସତ୍ତ୍ୱେ ବି ସେ ପାଠପଢାରେ ଅବହେଳା କରୁ ନ ଥିଲା। ଶ୍ରେଣୀରେ ପ୍ରଥମ ହେଉଥିଲା। ପର୍ବପର୍ବାଣି ସମୟରେ ସମସ୍ତଙ୍କ ସହ ମିଶୁଥିଲା। ତାକୁ ଗୋଟିଏ କଥା କହୁଥିଲି ଶୃଙ୍ଖଳିତ ଜୀବନ ଓ ମଣିଷପଣିଆ ବ୍ୟକ୍ତିକୁ ଆଗକୁ ବଢ଼ାଇଥାଏ। ଏକଥାକୁ ସେ ପାଳନ କରୁଥିଲା। ତାକୁ କହିଥିଲି ତମେ ଯେତେବଡ଼ ପଦବୀରେ ରହିଲେ ବି କେବେ କାହାରିକୁ ଠକିବ ନାହିଁ କି ଅନ୍ୟଠାରୁ କିଛି ଆଶା ରଖିବ ନାହିଁ। ନିଜ କର୍ତ୍ତବ୍ୟକୁ ଠିକ୍‌ଭାବେ ପାଳନ କରିବ । ମନେ ରଖିବ ତମ ଦ୍ୱାରା ଯଦି କେହି କିଛି ଉପକୃତ ହେଉଛନ୍ତି ତା'ହେଲେ ତାକୁ ସାହାଯ୍ୟ କରିବ। ଏକଥାକୁ ନିରଞ୍ଜନ ଅକ୍ଷରେ ଅକ୍ଷରେ ପାଳନ କରିଆସୁଛି ।' ଠିକ୍ ସେହିପରି ତାଙ୍କ ଛାତ୍ର ଅବସରପ୍ରାପ୍ତ **ପ୍ରଫେସର ନିରଞ୍ଜନ ସାହୁ** କୁହନ୍ତି, 'ମୋର ପୂଜ୍ୟଗୁରୁ ପଣ୍ଡିତ ବୀରେନ୍ଦ୍ର ପଣ୍ଡାଙ୍କ ପାଇଁ ଆଜି ମୁଁ ଏତେ ବାଟରେ ପହଞ୍ଚି ପାରିଛି। ଭଦ୍ରକର ଶ୍ରୀଜଗନ୍ନାଥ ସଂସ୍କୃତ ବିଦ୍ୟାଳୟରେ ମଧ୍ୟମା ପଢୁଥିଲି । ଗୁରୁଜୀଙ୍କ ସହିତ ମୋର ସେବେଠାରୁ ପରିଚୟ । ଗୁରୁଜୀ ଯାହା ସଂସ୍କୃତରେ ପଢ଼ାଉ ଥିଲେ ତାହାକୁ ଅତି ସରଳ ଭାବରେ ବୁଝାଉଥିଲେ, ଯାହା ଆପେ ଆପେ ହୃଦୟରେ ଛାପି ହୋଇଯାଉଥିଲା। ଗୁରୁଜୀଙ୍କ କର୍ମ, ବଚନ ଓ ଆଚରଣରେ ତାଳମେଳ ରହୁଥିଲା। ସବୁବେଳେ ପ୍ରେରଣାଦାୟକ ବାର୍ତ୍ତା ଦେଉଥିଲେ। ସଂସ୍କୃତ ପ୍ରତି ମୋର ରୁଚି ବଢ଼ିଥିବାରୁ ପରବର୍ତ୍ତୀ ସମୟରେ ରାଜସ୍ଥାନର ସଂସ୍କୃତି ବିଭାଗ ପରିଚାଳିତ ଏକ ବିଶ୍ୱବିଦ୍ୟାଳୟରେ ଅଧ୍ୟକ୍ଷଭାବେ କାର୍ଯ୍ୟ ତୁଲାଇ ଏବେ ସେବାନିବୃତ୍ତ ହୋଇସାରିଛି । କେବଳ ଗୁରୁଜୀଙ୍କ ପାଇଁ ଏହା ସମ୍ଭବ ହୋଇପାରିଛି।'


**ସାର୍‌ଙ୍କ ବିରକ୍ତି ମୋତେ ପ୍ରେରଣା ଦେଇଛି:** –ପିଲାଟି ଦିନରୁ ଚିତ୍ରକଳାକୁ ନେଇ ତାଙ୍କର ସାଧନା । ଏବେ ସେ ଓଡ଼ିଶା ଲଳିତକଳା ଏକାଡେମୀର ସଚିବ ତଥା ବିଶିଷ୍ଟ **ଚିତ୍ରଶିଳ୍ପୀ ପଞ୍ଚାନନ ସାମଲ**। ସେ କୁହନ୍ତି, 'ଭୁବନେଶ୍ୱର ଧଉଳି ଚାରୁ ଓ କାରୁ କଳା ମହାବିଦ୍ୟାଳୟରେ ଅଧ୍ୟକ୍ଷଭାବେ କାର୍ଯ୍ୟକରୁଥାଏ। ମୁଁ ଦେଖିଛି ଏଠାରୁ ତାଲିମ ପାଇ ଛାତ୍ରୀଛାତ୍ରମାନେ ପ୍ରତିଷ୍ଠିତ ଶିଳ୍ପୀଭାବେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି। ସେମିତି ଜଣେ ଛାତ୍ର ହେଲେ **ହୃଷୀକେଶ ବିଶ୍ୱାଳ** । ଏଠାରେ ପଢୁଥିବା ବେଳେ ଥରେ ତାକୁ ଏକ ପେଣ୍ଟିଂ କରିବାକୁ ଦିଆଯାଇଥିଲା, ଯାହାକି ଥିଲା ଜଣେ ପୁରୁଷଲୋକର ବସିଥିବାର ଚିତ୍ର। ମାତ୍ର ସେ ତାହା ନ କରି ଏକ ଝିଅର ଚିତ୍ର କରିଥିଲା । ଏଥିଯୋଗୁ ମୁଁ ଖୁବ୍ ବିରକ୍ତ ହୋଇଥିଲି । ଆଉ ଥରେ ସେହିକାମ ଦେଲି ହେଲେ ଏଥର ସେ ନିରବ ରହି ପୁନର୍ବାର ସେହି ଭୁଲ୍ କଲା। ଫଳରେ ତା' ପ୍ରତି ଖୁବ ବିରକ୍ତି ହୋଇଗଲି। କିନ୍ତୁ ପରେ ସେହି ପେଣ୍ଟିଂରେ ମୁଁ କିଛି ନୂତନତ୍ୱ ଦେଖି ମୁଁ ବୁଝିଗଲି ଯେ, ତାହାର ଏହି କାମ କେତେ ଉଚ୍ଚମାନର ହୋଇଥିଲା। ତା'ର ସେହି କଳା ଏକ ଭିନ୍ନ ଧରଣର ପେଣ୍ଟିଂ ଥିଲା। ଯାହା ସମସ୍ତଙ୍କଠାରୁ ପ୍ରଶଂସା ପାଇଥିଲା। ସେ ମୋ କଥା ଶୁଣୁଥିଲା ଓ ନିରବରେ କିଛିଗୋଟେ ନୂଆ କାମ କରୁଥିଲା। ମୁଁ ଅନୁଭବ କଲି ତା' ଭିତରେ ସୃଜନଶୀଳତା ଖୁବ ରହିଛି।' ସେମିତି ହୃଷୀକେଶ କୁହନ୍ତି, 'ପଞ୍ଚାନନ ସାର୍ ଓ ପ୍ରବୀର ସାର୍‌ଙ୍କଠାରୁ ଅନେକ କିଛି ଶିକ୍ଷାଲାଭ କରିଛି। ୨୦୦୧ମସିହାରେ ପଞ୍ଚାନନ ସାର୍‌ଙ୍କ ସହ ଦେଖା ହୋଇଥିଲା । ଧଉଳି ଚାରୁକଳା ମହାବିଦ୍ୟାଳୟରେ ଆର୍ଟରେ ବ୍ୟାଚ୍‌ଲର ଡିଗ୍ରୀ ସାରିଲି। ସାର୍‌ଙ୍କ ସହିତ ପିକ୍‌ନିକ୍ ଯାଇଥିଲି। ସ୍ୱାଧୀନଭାବେ କିଛି ଡ୍ରଇଂ କରିଥିଲି, ସାର୍ ବହୁତ ଖୁସି ହୋଇଥିଲେ । ସାର୍‌ଙ୍କ ପାଇଁ ଜଣେ ଶିଳ୍ପୀଭାବେ ପରିଚିତ ହୋଇଥିବାରୁ ନିଜକୁ ଧନ୍ୟ ମନେକରୁଛି।'

**ଶିବ ସାର୍‌ଙ୍କ ପଦିଏ କଥା:** ସାହିତ୍ୟ, ସଂସ୍କୃତିକୁ ନେଇ ତାଙ୍କର ସ୍ୱପ୍ନ ଓ ଦୁନିଆ । ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ମିନିଗଳ୍ପ ରଚନାରେ ତାଙ୍କର ରହିଛି ଭିନ୍ନ ପରିଚୟ । ସେ ହେଲେ ଗାଳ୍ପିକ ଓ ଶିକ୍ଷାବିତ୍ **ଶିବ ମିଶ୍ର** । ସେ କୁହନ୍ତି, 'ଖୋର୍ଦ୍ଧା ଜିଲା ବାଣପୁର ଅଞ୍ଚଳରେ ମୋ ଘର। ଗାଁର ବେସରକାରୀ ସ୍କୁଲରେ ପ୍ରଥମେ ଶିକ୍ଷକତା କଲି। ପରେ ବୃତ୍ତିଗତ ତାଲିମ ବି ନେଲି। ଏହା ପରେ ସରକାରୀ ସ୍କୁଲରେ ପାଠ ପଢ଼ାଇଲି। ଅନ୍ତର କିଆରି ସ୍କୁଲରେ ଶିକ୍ଷକଭାବେ କାର୍ଯ୍ୟ କରିବା ସମୟର କଥା । ସେତେବେଳେ ୭ମ ଶ୍ରେଣୀରେ ପଢୁଥିବା ଶୁଭଶ୍ରୀ ଜଣେ ମେଧାବୀ ଛାତ୍ରୀ ଥିଲା। କିନ୍ତୁ ତା'ର ଦେହ ଅସୁସ୍ଥତା କାରଣରୁ ଅନେକ ସମୟରେ ସେ ସ୍କୁଲକୁ ଆସିପାରେ ନାହିଁ। ସ୍କୁଲ ପଢା ବେଳେ ଅଧିକ କିଛି ଜାଣିବା ପାଇଁ ତା'ର ଜିଜ୍ଞାସା ରହିଥାଏ। ସେଥି ପାଇଁ ଆମକୁ ପାଠର ଅନେକ ଦିଗକୁ ଯିବାକୁ ପଡ଼ିଥାଏ। ଯାହା କୁହାଯାଏ ସେ ଶୁଣେ ଏବଂ ମାନିଥାଏ। ଏହା ଦ୍ୱାରା ଅନ୍ୟ ଛାତ୍ରୀଙ୍କଠାରୁ ସେ ବାରି ହୋଇପଡ଼େ। ସେଦିନ ସେହି ଛାତ୍ରୀ ଆଜି **ଡାକ୍ତର ଶୁଭଶ୍ରୀ ରାୟସିଂ** ।' ସେ କୁହନ୍ତି, '୨୦୦୨ରେ ଆମ ଗାଁ ଉ.ପ୍ର. ବିଦ୍ୟାଳୟରେ ପଢୁଥାଏ। ଶିବ ସାର୍ ଆମକୁ ସାହିତ୍ୟ ପଢ଼ାଉଥିଲେ। ସେ ଖୁବ୍ ସରଳ ଓ ମିଷ୍ଟଭାଷୀ। ଥରେ ଖେଳ ପିରିୟଡ୍‌ରେ କେତେଜଣ ସାଙ୍ଗ ମିଶି ଅନ୍ୟ ଜଣେ ସାଙ୍ଗଙ୍କ ଘରକୁ ଯାଇଥିଲୁ, କିନ୍ତୁ ଫେରିଲା ବେଳକୁ ଶିବ ସାର୍ ଶ୍ରେଣୀରେ ପଢ଼ାଉଛନ୍ତି। ଆମେ ଆସିବାରେ ବିଳମ୍ବ ହୋଇଥିବାରୁ ସାର୍ କହିଲେ ଆରେ ମା' ତୁ ବି ଏମିତି ବିଳମ୍ବ କରିଲୁ । ଅନ୍ୟମାନେ ଯାହା ତୁ ବି ସେହିପରି ହୋଇଗଲୁ । ଏତିକି କଥାରେ ସେବେଠାରୁ ପଢ଼ାରେ କେବେ ଅବହେଳା କରିନାହିଁ । ସମୟର ମୂଲ୍ୟ ଆଉ ସାର୍‌ଙ୍କ ସେହି ପଦକ କଥା ମୋ ଜୀବନର ଗତିପଥକୁ ବଦଳାଇ ଦେଇଥିଲା। ସେଥିପାଇଁ ଆଜି ଜଣେ ଡାକ୍ତର ଭାବେ ସମାଜରେ ସେବା କରିବାର ଦାୟିତ୍ୱ ତୁଲାଇପାରିଛି। କେବଳ ସାର୍‌ଙ୍କ ପଦକ କଥା ମୋତେ ଗଢିବାରେ ସାହାଯ୍ୟ କରିଛି।'



**ଗାଁ ସ୍କୁଲ ଓ ଶିକ୍ଷକଙ୍କ କଥା ସବୁଦିନ ମନେରହିବ:** ରଣପୁର ଇତିହାସର ଲେଖକ, ପୂର୍ବତନ ବିଦ୍ୟାଳୟ ଅନୁନିରୀକ୍ଷକ ତଥା ଶିକ୍ଷାବିତ୍ **ସତ୍ୟବାଦୀ ବଳିଆରସିଂହ** କୁହନ୍ତି, 'ଗଡ଼ବାଣିକିଲୋ ହାଇସ୍କୁଲରେ ସହକାରୀ ଶିକ୍ଷକଭାବେ ଯୋଗ ଦେଇଥାଏ। ୧୯୭୪ରେ ସ୍କୁଲରେ ଅନ୍ୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ **ପ୍ରଦୀପ୍ତ କୁମାର ନନ୍ଦ** ବାରିହୋଇପଡ଼ନ୍ତି। ତାଙ୍କର ସରଳ ସ୍ୱଭାବ, ପରୋପକାରୀ ଗୁଣ, ଶିକ୍ଷାଗ୍ରହଣରେ ଆଗ୍ରହ ସହ ସ୍କୁଲରେ ବିଭିନ୍ନ ଶିକ୍ଷଣୀୟ କାର୍ଯ୍ୟକ୍ରମରେ ଭାଗ ନେଉଥିଲେ। ବାସ୍ତବରେ ସେ ଜଣେ ମେଧାବୀ ଛାତ୍ର ଥିଲା। ତା'ର ହିନ୍ଦୀ, ଇଂଲିଶ ଓ ଓଡ଼ିଆ ହସ୍ତାକ୍ଷର ଖୁବ୍ ସୁନ୍ଦର ଥିଲା। ଏହି ପିଲା ଦିନେ ନାଁ ରଖିବ ଏକଥା ସ୍କୁଲରେ ସାର୍‌ମାନେ କଥା ହେଉଥିଲୁ। ତାହା ସତ ହୋଇଛି । ସମାଜରେ ଜଣେ

→



ପଣ୍ଡିତ ବୀରେନ୍ଦ୍ର ପଣ୍ଡା



ପ୍ରଫେସର ନିରଞ୍ଜନ ସାହୁ



ଅଧ୍ୟାପକ ପଞ୍ଚାନନ ସାମଲ



ଶିଳ୍ପୀ ହୃଷୀକେଶ ବିଶ୍ୱାଳ



ଶିକ୍ଷକ ତ୍ରିନାଥ ପଲେଇ



ଡକ୍ଟର ଝାନ୍‌ସୀ ସିଂହ

ଉତ୍ତମ ପ୍ରତିଷ୍ଠିତ ବ୍ୟକ୍ତି ଭାବରେ ନିଜର ପରିଚୟ ତିଆରି କରିଥିବାରୁ ଏଭଳି ଛାତ୍ର ପାଇଁ ଆମେ ନିଜକୁ ଧନ୍ୟ ମନେକରୁଛୁ । ପ୍ରକୃତରେ ସେହି ଛାତ୍ର ଆଜି (ସୋଆ)ବିଶ୍ୱବିଦ୍ୟାଳୟର କୁଳପତି ତଥା ଏନ୍‌ବି ଓ ଡିଆରଡିଓ ମନୋନୟନ କମିଟିର ବିଶେଷଜ୍ଞ ସଦସ୍ୟ ଭାବେ କାର୍ଯ୍ୟ କରୁଥିବା ବିଶିଷ୍ଟ ଗବେଷକ ପ୍ରଫେସର **ପ୍ରଦୀପ୍ତ କୁମାର ନନ୍ଦ** ।' ପ୍ରଦୀପ୍ତ କୁହନ୍ତି, 'ସେତେବେଳେ ଗଡ଼ବାଣିକିଲୋ ହାଇସ୍କୁଲରେ ୮ମରେ ପଢୁଥିଲି । ଶହୀଦ ରଘୁଦିବାକରଙ୍କ ସମ୍ପର୍କରେ ସତ୍ୟବାଦୀ ବଳିୟାରସିଂହ ସାର୍‌ଙ୍କଠାରୁ ଦେଶପ୍ରେମ କଥା ଶୁଣିଥିଲି। ଯାହା ମୋ ଭିତରେ ଦେଶପ୍ରେମ ଭାବ ସୃଷ୍ଟି କରିଥିଲା। ସାର୍ ଖୁବ୍ ସ୍ୱଷ୍ଟବାଦୀ। ସମସ୍ତଙ୍କୁ ସବୁବେଳେ ସେ କୁହନ୍ତି ଭଲକର, ବଡ଼ ହୁଅ, ଭଲ ମଣିଷ ହୁଅ। ସାର୍ ସାହିତ୍ୟ, ଇତିହାସକୁ ଖୁବ୍ ସରଳଭାବେ ବୁଝାଇଥାନ୍ତି। ସତେ କି ସାର୍‌ଙ୍କ କଥାରେ କିଛି ଯାଦୁ ରହିଥାଏ। ସେତେବେଳେ ସାଇକେଲ ଧରି ଆମ ଘର ବେଣୁଧରପୁରରୁ ପ୍ରାୟ ୬କିମି ଦୂର ଗଡ଼ବାଣିକିଲୋ ସ୍କୁଲକୁ ପଢିବାକୁ ଆସିବାରେ ଏକ ନିଆରା ଆନନ୍ଦ ମିଳୁଥିଲା। ସବୁଠୁ ବେଶି ପ୍ରେରଣାଦାୟକ ଥିଲା ସାର୍‌ଙ୍କ କଥା। ଯେଉଁଥିପାଇଁ ମୁଁ ଆଜି ଏଠାରେ ପହଞ୍ଚି ପାରିଛି। ସାର୍‌ଙ୍କ ଆଶୀର୍ବାଦ ମୋ ସହିତ ରହିଛି। ଗାଁ ସ୍କୁଲ କଥା ସବୁଦିନ ମନେରହିଥିବ।'

**ନବୀନ ସାର୍ ଗୁଣ ଚିହ୍ନୁଥିଲେ:** ଅଭିନୟରେ ରୁଚି ରଖି ୩ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ନାଟ୍ୟ ନିର୍ଦ୍ଦେଶନା, ନାଟ୍ୟ ଶିକ୍ଷା ଏବଂ ମଞ୍ଚକଳା ବିଶେଷଜ୍ଞ ଭାବରେ ଯାତ୍ରା, ଥିଏଟର, ଟିଭି ଧାରାବାହିକ ଓ ଚଳଚ୍ଚିତ୍ର ଆଦି ସାଧନାରେ ସେ ସୃଷ୍ଟି କରିଛନ୍ତି ଅନେକ ଛାତ୍ରୀଛାତ୍ର । ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ନାଟକ ବିଭାଗର ଅଧ୍ୟାପକ, ବିଭାଗୀୟ ମୁଖ୍ୟ ଓ ଅଧ୍ୟକ୍ଷ ଭାବେ କାର୍ଯ୍ୟକରି ୨୦୧୨ମସିହା ମାର୍ଚ୍ଚରେ ଅବସର ନେଇଛନ୍ତି। ସେ ହେଲେ ଅବସରପ୍ରାପ୍ତ ଶିକ୍ଷାବିତ୍ ତଥା **ନାଟ୍ୟକାର ନବୀନ ପରିଡ଼ା**। ସେ କୁହନ୍ତି,'ସଙ୍ଗୀତ ମହାବିଦ୍ୟାଳୟରେ ଅଧ୍ୟାପକ ଥିବା ବେଳେ ପ୍ରଜ୍ଞାରଞ୍ଜନ ଖଟୁଆଙ୍କୁ ୬/୭ବର୍ଷ ଏଠାରେ ଶିକ୍ଷା ଦେଇଛି। ଗୋଟିଏ ଥିଏଟର ଗ୍ରୁପ୍‌ରେ କାମ କରିଛୁ । ସେ ମଧ୍ୟ ଏକ ଗ୍ରୁପ୍ କରିଛି ସେଥିରେ ବି ମୁଁ କାମ କରିଛି। ସେ ଗାଁରୁ ଭୁବନେଶ୍ୱର ଅସିଥିବାରୁ ତା'ର ସୁବିଧା ଅସୁବିଧା କଥା ମୁଁ ବୁଝିଛି। ସେ ଗୋଟେ ଖୋଲାମନର, ପରୋପକାରୀ ମଜାଳିଆ ପିଲା। ସେ ବହୁ ପ୍ରତିଭାର ଅଧିକାରୀ । ସେ କେମିତି ଆଗକୁ ବଢିପାରିବ ସେଥିପାଇଁ ମୁଁ ବାଟ ବତାଇଛି। ସେ ନାଟକ ଲେଖିପାରେ, ନିର୍ଦ୍ଦେଶନା ଦେଇପାରେ, ମ୍ୟୁଜିକ କରିପାରେ, ପୁଣି ଗୋଟିଏ ସିନ୍‌ରେ ହଠାତ୍ କିପରି କିଛି ନୂଆ ହୋଇପାରିବ ସେକଥା ବି ତାକୁ ଜଣାଥାଏ। ତା'ର ସେହି ପ୍ରତିଭା ସ୍ୱତନ୍ତ୍ର । ସବୁବେଳେ କିଛି ଖୋଜୁଥାଏ। ଥରେ 'ବାଣ ହରଣ' ନାମକ ଗୀତିନାଟ୍ୟର ପ୍ଲେ ଚାଲିଥାଏ । ଏହି ଦୃଶ୍ୟରେ ଶକୁନି ଚରିତ୍ରରେ ହରିହର ଅଭିନୟ କରୁଥାନ୍ତି । ହଠାତ ସେଠାରେ ମଞ୍ଚରେ ପ୍ରବେଶ କରି ପ୍ରଜ୍ଞା ଶକୁନିର କଛାକୁ ଟାଣି ପକାଇଥିଲା । ଏଥିରେ ଦର୍ଶକ ହସିଲେ । ସିରିୟସ ସିନ୍‌ଟାରେ ସେ ଏମିତି ହସେଇ ହସେଇ ବେଦମ କରିଦେଇଥିଲା। ଆଉଥରେ ଜଣେ ସିନିୟର ଛାତ୍ର ପ୍ରଜ୍ଞାକୁ ଏକ ଗଛରେ ଚଢାଇ ଭୟଭୀତ କରାଇଥାଏ। ଏ ଖବର ଶୁଣି ସେତେବେଳେ ସଙ୍ଗୀତ ମହାବିଦ୍ୟାଳୟରେ ପହଞ୍ଚି ଘଟଣାର ସମାଧାନ କରିଥିଲି । ହେଲେ ଆଜି ସେହି ପିଲା ସାଥିରେ ସେ ଅଭିନୟ କରୁଛି ତା' ସୁଖ ଦୁଃଖରେ ଠିଆହେଉଛି। ମୋତେ ଥରେ ଫୋନକଲା ସେତେବେଳେ ମୋତ ଜ୍ୱର ହେଉଥିବାର ଶୁଣି ସେ ବ୍ୟସ୍ତ ହୋଇ ମୋ ପାଖକୁ ଚାଲି ଆସିଥିଲା। ତା'ର ଏହି ସେବାରେ ମୁଁ ଖୁବ୍ ଖୁସି ହୋଇଥିଲି। ଏବେ ସେ ଓଡ଼ିଶାର ଜଣେ ଆଗ ଧାଡ଼ିର ହାସ୍ୟକଳାକାର ଭାବେ ଜଣାଶୁଣା।' ସେହିପରି **ପ୍ରଜ୍ଞାରଞ୍ଜନ ଖଟୁଆ** କୁହନ୍ତି,'ମୋର ପ୍ରଥମ ଗୁରୁ ମୋ ମା' ଯିଏକି ମୋତେ ପ୍ରଥମେ କଳାଟିପା ଲଗାଇ ପାଉଡ଼ରରେ ମେକଅପ୍ କରିଥିଲା। ୨ୟରେ ବାପା ବଡ଼ କରାଇ ରାସ୍ତାରେ ଚାଲିବା ଶିଖାଇଥିଲେ। ବିଦ୍ୟାଗୁରୁ ଖଡ଼ିଗଡ଼ାଇ ଗୁରୁବ୍ରହ୍ମା, ଗୁରୁବିଷ୍ଣୁ ଓ ଗୁରୁଦେବ ମହେଶ୍ୱର ବୋଲି ଶିଖାଇଥିଲେ । ପ୍ରକୃତରେ ମୁଁ ଜଣେ ନିପଟ ମୁର୍ଖ ଥିଲି। କେବଳ ନାଟକ ଦେଖୁଥିଲି ଓ ନାଚୁଥିଲି । ଏହା ବ୍ୟତୀତ ମତେ ଆଉ କିଛି ଆସେନା। କିନ୍ତୁ ମନରେ ଥାଏ ଏମିତି ଏକ ପରିବେଶ ମିଳନ୍ତା କି ମୋତେ କିଏ ନାଟକ ବିଷୟରେ କିଛି ଶିକ୍ଷା ଦିଅନ୍ତା। ଅବଶ୍ୟ ଇଚ୍ଛାଥିଲେ ଉପାୟ ଆସେ । ତାହା ହିଁ ହେଲା। ସଙ୍ଗୀତ ମହାବିଦ୍ୟାଳୟରେ ପଢିଲି । ଅନେକ ଗୁରୁଙ୍କଠାରୁ ଶିକ୍ଷା ପାଇଲି। ତେବେ ନବୀନ ସାର୍‌ଙ୍କ କଥା ସବୁଠାରୁ ନିଆରା । ତାଙ୍କ ଠାରୁ ଯୁଆଡ଼େ ଯାଏ ଅସୁବିଧା ବେଳେ ବାଟ ଖର୍ଚ୍ଚ ନେଉଥିଲି। ସବୁବେଳେ ସାର୍ ଗୀତାର କଥାକୁ କୁହନ୍ତି କର୍ମ କର, ଫଳ ଆପେ ମିଳିବ । ଆଗକୁ ଚାଲ ଅନ୍ଧାର ଥିଲେ ବି ହଟିଯିବ, ଆଲୁଅ ଆସିବ। ଯେଉଁଥିପାଇଁ ତୁମର ଜନ୍ମ ସେଥିରେ ଫୋକସ କର, ନିଶ୍ଚୟ ବିଜୟ ଲାଭ କରିବ। ତୁମେ ନିଜକୁ ନିଜେ ଚିହ୍ନ, ପରିଚିତ କରାଅ। ଏହି କଥା ମୋତେ ସବୁବେଳେ ପ୍ରେରଣା ଦେଇଆସିଛି। ସେ ସବୁବେଳେ ମତେ କିଛି ନୂଆ କରିବା ପାଇଁ କହି ଆସିଛନ୍ତି।'

**ପଲେଇ ସାର୍‌ଙ୍କ ପଢ଼ାରେ ପ୍ରେରଣା ମିଳୁଥିଲା:** ପେସା ତାଙ୍କର ଶିକ୍ଷକତା ନିଶା ଭଗବତ ସେବା। ସର୍ବଦା ସମାଜ କଲ୍ୟାଣ କାର୍ଯ୍ୟରେ ସେ ନିୟୋଜିତ ରହିଥାନ୍ତି। ତାଙ୍କ ସାଧନାରେ ସୃଷ୍ଟି ହୋଇଛନ୍ତି ଏକାଧିକ ପ୍ରତିଭାବାନ୍ ଯୁବତୀ ଯୁବକ, ଯିଏକି ଦେଶ ଓ ରାଜ୍ୟ ପାଇଁ ଗୌରବ ଅର୍ଜନ କରିଛନ୍ତି। କୋରାପୁଟର ସେମିଳିଗୁଡ଼ାର ଘରେ ଘରେ ସେ ପରିଚିତ। ବିଦ୍ୟାଳୟ ନିର୍ମାଣ ଓ ଶିକ୍ଷାଦାନ ପାଇଁ ଜଣେ ଆଦର୍ଶ ଶିକ୍ଷକଭାବେ ରାଜ୍ୟପାଳଙ୍କଠାରୁ ପୁରସ୍କୃତ। ସେ ହେଲେ ସୁନାବେଡ଼ା ଅଞ୍ଚଳର ଅବସରପ୍ରାପ୍ତ ଶିକ୍ଷକ **ତ୍ରିନାଥ ପଲେଇ**। ସେ କୁହନ୍ତି, 'ବିଦ୍ୟାଳୟ ଶିକ୍ଷାଦାନରେ ଛାତ୍ରୀଛାତ୍ରଙ୍କ ଦକ୍ଷତାକୁ ଜାଣି ହୋଇଥାଏ। ସେତେବେଳେ ସେମିଳିଗୁଡ଼ା ସ୍କୁଲରେ ୩ୟରୁ ୫ମଶ୍ରେଣୀ ଯାଏ ପଢୁଥିବା ଝାନ୍‌ସୀ ସିଂହ ଜଣେ ମେଧାବୀ ଛାତ୍ରୀ ଥିଲା। ତା'ର ସରଳ ସ୍ୱଭାବ ଥିଲା। ତାସହ ଯାହା ପଢାହୁଏ ଶୀଘ୍ର ମନେରଖି ପାରୁଥିଲା। ସବୁବେଳେ ଅଧିକ କିଛି ଜାଣିବା ପାଇଁ ପ୍ରଶ୍ନ ପଚାରୁଥିଲା। ତା'ର ଉପସ୍ଥିତବୁଦ୍ଧି ବହୁତ ଥିଲା। ଗୁରୁଜନଙ୍କ କଥାକୁ ସମ୍ମାନର ସହିତ ଗ୍ରହଣ କରୁଥିଲା। ଏଭଳି ଛାତ୍ରୀ ପାଇଁ ଆମେ ଗର୍ବିତ । ସେଦିନର ଝାନ୍‌ସୀ ଏବେ **ଡ. ଝାନ୍‌ସୀ ସିଂହ**। ପ୍ରାଧ୍ୟାପିକା ରାଜନୀତି ବିଜ୍ଞାନ ଡିଗ୍ରୀ କଲେଜ, ସେମିଳିଗୁଡ଼ା ।' ଝାନ୍‌ସୀ କୁହନ୍ତି,'ସେମିଳିଗୁଡ଼ା ଏକ୍ସ ବୋର୍ଡ ୟୁପି ସ୍କୁଲରେ ୫ମ ଯାଏ ପଢିଛି। ମୋତେ ସମସ୍ତେ ଖୁବ୍ ଆଦର କରୁଥିଲେ। ସାର୍ ଯାହା କହୁଥିଲେ ତାହାକୁ ଶୁଣୁଥିଲି। ପଲେଇ ସାର୍ ସବୁବେଳ ସ୍ୱାମୀ ବିବେକାନନ୍ଦ ଓ ଗୁରୁ ରାମକୃଷ୍ଣଙ୍କ ଆଦର୍ଶ ଜୀବନୀ କଥା କୁହନ୍ତି । ସେଥିରୁ ଆମକୁ ପ୍ରେରଣା ମିଳୁଥିଲା। ପାଠପଢାରେ ସାର୍‌ଙ୍କ କଥା ମନେରହିଥାଏ। ତାଙ୍କ ଭଳି ଜଣେ ଭଲ ଗୁରୁଙ୍କ ପାଇଁ ଆଜି ସମାଜର ଉଚ୍ଚ ସ୍ଥାନରେ ପହଞ୍ଚି ପାରିଥିବାରୁ ଗୁରୁଜୀଙ୍କୁ ମୋର ଶତକୋଟି ପ୍ରଣାମ। ଏଥିପାଇଁ ଗୁରୁଙ୍କ ସ୍ଥାନ ସର୍ବାଗ୍ରେ।'

**-ବନବିହାରୀ ବେହେରା**



ଅଧ୍ୟାପକ ନବୀନ ପରିଡ଼ା



ହାସ୍ୟ ଅଭିନେତା ପ୍ରଜ୍ଞାରଞ୍ଜନ ଖଟୁଆ



ଶିକ୍ଷାବିତ୍ ସତ୍ୟବାଦୀ ବଳିଆରସିଂହ



ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ



ଶିକ୍ଷାବିତ୍ ଶିବ ମିଶ୍ର



ଡାକ୍ତର ଶୁଭଶ୍ରୀ ରାୟସିଂ

# କମରବନ୍ଧ





**ଭାରତୀୟ ସଂସ୍କୃତିରେ କମରବନ୍ଧ ପିନ୍ଧିବାର ପରମ୍ପରା ବହୁ ପୂର୍ବରୁ ଚାଲିଆସିଛି। ଭିନ୍ନ ଭିନ୍ନ ସ୍ଥାନରେ ଭାଷାଗତ ପ୍ରଭେଦ ଯୋଗୁ ଏହାର ନାଁ ହୁଏତ ଅଲଗା ହୋଇପାରେ, କିନ୍ତୁ ଦେଖିବାକୁ ଏହା ପ୍ରାୟ ସବୁଠି ଏକାପରି। କେଉଁଠି ଏହାକୁ 'କମରବନ୍ଧ' କୁହାଯାଏ ତ କେଉଁଠି 'ତାଗଡ଼ି' ପୁଣି କେଉଁଠି 'କମରପଟ୍ଟା', 'ଅଣ୍ଟାସୂତା', 'ବିଛା', 'କରଧାନୀ', 'ମେଖଲା', 'କମରପଟି', 'ୱେଷ୍ଟ ବ୍ୟାଣ୍ଡ', 'ୱେଷ୍ଟ ଚେନ୍' ତଥା 'ବେଲି ଚେନ୍' ବି କୁହାଯାଇଥାଏ। ସୁନା, ରୁପା ହେଉ କି ଅନ୍ୟ କୌଣସି ଧାତୁରେ ତିଆରି ଏହି ଆଭୂଷଣକୁ ମୁଖ୍ୟତଃ ଅଣ୍ଟା (କମର) ଚାରିପଟେ ପିନ୍ଧାଯାଇଥାଏ। ଶାଢ଼ି, ସୁଟ୍ ଭଳି ପାରମ୍ପରିକ ପରିଧାନରେ ଏହା ବେଶ୍ ଆକର୍ଷଣୀୟ ଲାଗେ। ତେବେ ଆଜିକାଲି ଜିନ୍ସ ଓ ଫ୍ୟାନ୍ସି ଡ୍ରେସ୍‌ରେ ବି କେହି କେହି ଏହାକୁ ପିନ୍ଧୁଥିବା ଦେଖିବାକୁ ମିଳୁଛି। ଜାଣନ୍ତୁ କମରବନ୍ଧ କାହିଁକି ପିନ୍ଧାଯାଏ ଓ ଏହାର କ'ଣ ସବୁ ମହତ୍ତ୍ୱ ରହିଛି...**

**✲ଷୋଳ ଶୃଙ୍ଗାରରେ ସାମିଲ:** କମରବନ୍ଧ ନାରୀର ଷୋଳ ଶୃଙ୍ଗାର ମଧ୍ୟରୁ ଗୋଟିଏ। ଏହାକୁ ପିନ୍ଧିଲେ ନାରୀର ସୌନ୍ଦର୍ଯ୍ୟ ବହୁତ ବଢ଼ିଯାଏ। କେହି କେହି ଏହାକୁ ସଧବା ନାରୀର ପ୍ରତୀକ ବୋଲି ବି କହିଥାନ୍ତି।

**✲ ଧାର୍ମିକ ମହତ୍ତ୍ୱ:** କେତେକ ଦେବୀଦେବତାଙ୍କ ମୂର୍ତ୍ତିରେ କମରବନ୍ଧ ପିନ୍ଧାଯାଇଥିବାର ଆମେ ଦେଖିଛେ। ପ୍ରଭୁ ଶ୍ରୀକୃଷ୍ଣ ବି ସର୍ବଦା କମରବନ୍ଧ ପିନ୍ଧିଥାନ୍ତି। ନବଜାତ ଶିଶୁକୁ ଜନ୍ମ ହେବା ପରେ କମରପଟି ପିନ୍ଧାଇବାର ପରମ୍ପରା ଆଜି ବି କେତେକ ସ୍ଥାନରେ ରହିଛି। ଇତିହାସ କହେ, କମରବନ୍ଧର ସମ୍ବନ୍ଧ ସିନ୍ଧୁ ସଭ୍ୟତା ସମୟରୁ ରହି ଆସିଛି। କାରଣ ସେ ସମୟରେ କିଛି ମୂର୍ତ୍ତିରେ କମରବନ୍ଧ ଥିବା ଦେଖିବାକୁ ମିଳେ।

**✲ସ୍ୱାସ୍ଥ୍ୟଗତ ଲାଭ:** କମରବନ୍ଧ କେବଳ ନାରୀର ସୌନ୍ଦର୍ଯ୍ୟ ବୃଦ୍ଧି କରେ ତାହା ନୁହେଁ, ଅନେକ ସ୍ୱାସ୍ଥ୍ୟଗତ ସମସ୍ୟାରୁ ବି ଏହା ମୁକ୍ତି ଦେଇଥାଏ। ବିଶେଷକରି ରୁପାରେ ତିଆରି କମରବନ୍ଧ ଖୁବ୍ ଉପକାରୀ। ରୁପାରେ ଥିବା ଆଣ୍ଟିଅକ୍ସିଡାଣ୍ଟ ତତ୍ତ୍ୱ ରୋଗପ୍ରତିରୋଧକ କ୍ଷମତା ବୃଦ୍ଧି କରିଥାଏ। ତା'ସହିତ କେତେକ ସ୍କିନ୍ ଇନ୍‌ଫେକସନ୍‌କୁ ବି ଏହା ରୋକିଥାଏ।

## ବିଭିନ୍ନ ଡିଜାଇନ୍‌ର କମରବନ୍ଧ

– **ବଞ୍ଜାରା ଲୁକ୍ କମରବନ୍ଧ:** ଏହା ମୁଖ୍ୟତଃ ଅକ୍ସିଡାଇଜ୍‌ଡ କିମ୍ବା ଡଲ୍ ସିଲଭର୍ ଲୁକ୍‌ରେ ମିଳିଥାଏ ; ଯାହାକୁ ସିମ୍ପଲ କଳା ରଙ୍ଗର ଶାଢ଼ି ହେଉ ଅବା ପାରମ୍ପରିକ ରାଜସ୍ଥାନୀ ଲେହେଙ୍ଗା କିମ୍ବା ଗୁଜରାଟୀ ଘାଗରା ସାଙ୍ଗରେ ପିନ୍ଧିଲେ ବେଶ୍ ମାନିଥାଏ।

– **ଲଟକନ୍‌ବାଲା କମରବନ୍ଧ:** ଏହା ମୁଖ୍ୟତଃ ଲାଇଟ୍ ୱେଟ୍‌ରେ ଆସୁଥିବାରୁ ଆରାମରେ କ୍ୟାରି କରିହୁଏ। ସାଧାରଣ ଲୁକ୍‌ବାଲା ଶାଢ଼ି ହେଉ ଅବା ଇଣ୍ଡୋୱେଷ୍ଟର୍ନ ଗାଉନ୍ ସାଙ୍ଗରେ ଏହା ସୁନ୍ଦର ଦେଖାଯାଇଥାଏ।

– **ଜାଲି ୱାର୍କବାଲା କମରବନ୍ଧ:** ଏହା ଟିକେ ହେଭି ଡିଜାଇନ୍‌ର ହୋଇଥାଏ ; ଯାହାକୁ ବାହାଘର, ବ୍ରତଘର ଭଳି ଫଙ୍କସନ୍‌ରେ ଲେହେଙ୍ଗା, ଶାଢ଼ି କିମ୍ବା ଆଫଗାନି ସାଲୱାର ସହିତ ପିନ୍ଧାଯାଇପାରେ। ଆଉ ଯଦି ଜିନ୍ସ ସାଙ୍ଗରେ ପିନ୍ଧିବାକୁ ଚାହୁଁଥାନ୍ତି, ତା'ହେଲେ ସ୍କିନ୍ ଫିଟ୍ ଜିନ୍ସ ଓ ଟପ୍ସ ସାଙ୍ଗରେ ଏହାକୁ ଟ୍ରାଏ କରିପାରିବେ।

– **ମୋତି ୱାର୍କବାଲା କମରବନ୍ଧ:** ଏହା ନାରୀଙ୍କୁ ରୟାଲ୍ ଲୁକ୍ ଦେଇଥାଏ ; ଯାହାକୁ ସାଲୱାର କମିଜ୍, ଶାଢ଼ି କିମ୍ବା ଲେହେଙ୍ଗା ସହିତ ବାହାଘର, ପର୍ବପର୍ବାଣି ସମୟରେ ପିନ୍ଧାଯାଇପାରେ।





# ଏମିତି ସହର ଯେଉଁଠି ପଇସା ନାହିଁ କି ସରକାର ନାହିଁ





ଏମିତି ଗୋଟେ ଧାରଣା ଆମ ଭିତରେ ସବୁବେଳେ ରହିଆସିଛି ଯେ, ପାଖରେ ପଇସା ଥିଲେ ଆମେ ଯୁଆଡ଼େ ଯାଇପାରିବା ଯେଉଁଠି ବି ରହିପାରିବା। କିନ୍ତୁ ପାଖରେ ପଇସା ନ ଥିଲେ...? ନା ପାଖରେ ପଇସା ନ ଥିଲେ ବି ଆପଣ ବେଶ୍ ଆରାମରେ ରହିପାରିବେ। ସାରା ପୃଥିବୀ ଭିତରେ ହୁଏତ ଏହା ଏମିତି ଗୋଟେ ସହର; ଯେଉଁଠି ରହିବା ପାଇଁ ଆପଣଙ୍କୁ ଟଙ୍କାର ଆବଶ୍ୟକତା ପଡିବ ନାହିଁ। ଏହି ସହର ରହିଛି ଆମ ଭାରତରେ, ଯାହାର ନା ଅରୋଭିଲ୍ଲେ । ଏଠାରେ ନା ଟଙ୍କା ନା ଧର୍ମ ନା ସରକାର– କିଛି ବି ଚାଲେନା।


ଅରୋଭିଲ୍ଲେ ସହରର ସ୍ଥାପନା ହୋଇଥିଲା ୧୯୬୮ ମସିହାରେ। ଯାହା ଚେନ୍ନାଇଠାରୁ ୧୫୪ କି.ମି. ଦୂରରେ ଅବସ୍ଥିତ। ଏହାକୁ 'ସିଟି ଅଫ୍ ଡନ୍' ବା 'ଭୋର୍‌ର ସହର' ବି କୁହାଯାଏ। ଏହି ସହର ସ୍ଥାପନା ପଛର ଉଦ୍ଦେଶ ଥିଲା ଯେ ଏଠାରେ ଜାତି, ବର୍ଣ୍ଣ ଭେଦଭାବ ନ ଥାଇ ଧନୀ ଗରିବ ସମସ୍ତେ ଏକାଠି ରହିପାରିବେ। ଏହି ସହରର ସ୍ଥାପନା କରିଥିଲେ ମୀରା ଅଲଫାଜୋ। ମୀରା ୧୯୧୪ ମସିହା ମାର୍ଚ୍ଚ ୨୯ ତାରିଖରେ ଶ୍ରୀଅରବିନ୍ଦ ସ୍ପିରିଚୁଆଲ ରିଟ୍ରିଟ୍‌ରେ ପୁଡୁଚେରୀ ଆସିଥିଲେ। କିଛିଦିନ ଏଠାରେ ରହିବା ପରେ ସେ ଜାପାନ ଚାଲିଗଲେ। ପୁଣିଥରେ ଭାରତ ଫେରିଲେ ଆଉ ୧୯୨୪ ମସିହାରେ ଅରବିନ୍ଦ ସ୍ପିରିଚୁଆଲ ସଂସ୍ଥା ସହିତ ଜଡ଼ିତ ହେଲେ। ଏହା ସହିତ ସେ ଲୋକଙ୍କ ସେବା କରିବା ଆରମ୍ଭ କଲେ। ତାଙ୍କ ସେବାକୁ ଦେଖି ଲୋକେ ତାଙ୍କୁ 'ମା' ବୋଲି ସମ୍ବୋଧନ କଲେ। ୧୯୬୮ ମସିହାରେ ସେ ଏହି ସହର ସ୍ଥାପନ କରି ଏହାର ନାଁ ଦେଲେ 'ୟୁନିଭର୍ସାଲ ସିଟି। ଏଠାରେ କେହି ବି ଆସି ରହିପାରିବେ। ବର୍ତ୍ତମାନ ଏଠାରେ ପାଖାପାଖି ୫୦ଟି ଦେଶର ଲୋକ ରହୁଛନ୍ତି। ଏଇଥିପାଇଁ ହିଁ, ଏଇ ସହରର ନାମ 'ଅରୋଭିଲ୍ଲେ' ରଖାଯାଇଛି, ଯାହାର ଅର୍ଥ ଯେଉଁଠି ସବୁ ଦେଶର ଲୋକ ଜାତି, ରାଜନୀତିର ଊର୍ଦ୍ଧ୍ୱରେ ଶାନ୍ତି ଓ ସଦ୍‌ଭାବନା ଭିତରେ ରହିପାରିବେ।


**ସ୍ୱୀକୃତି ଦେଇଛନ୍ତି ସରକାର**


ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତି ପାଇଥିବା ଏହି ସହରରେ ୨୦୧୫ପରଠାରୁ ଅନେକ ପରିବର୍ତ୍ତନ ଆସିଛି। ତେବେ ଏହି ସହରର ସବୁଠୁ ବଡ଼ କଥା ହେଲା, ଏଠାରେ କୌଣସି ଧର୍ମର ମନ୍ଦିର ନାହିଁ। ୟୁନେସ୍କୋ ଏହି ସହରକୁ ଖୁବ୍ ପ୍ରଶଂସା କରିଛି। ଏହି ସହରର ଲୋକେ ଅନେକ ବର୍ଷ ହେବ କ୍ୟାଶ୍ ବ୍ୟବହାର କରିନାହାନ୍ତି। ପ୍ରାୟ ୩୫ବର୍ଷ ପୂର୍ବେ ଏଠାରେ ଏକ ଫାଇନାନ୍‌ସିଆଲ୍ ସର୍ଭିସ ସେଣ୍ଟର ଆରମ୍ଭ କରାଯାଇଥିଲା ; ଯାହାକୁ ଆର୍‌ବିଆଇ ମଞ୍ଜୁରୀ ଦେଇଛି। ଏହି ସର୍ଭିସ ସେଣ୍ଟର ବ୍ୟାଙ୍କ ପରି କାମ କରେ।

**କିଣାକିଣି ପାଇଁ ନମ୍ବର ଦରକାର:** ଅରୋଭିଲ୍ଲେ ଫାଇନାନ୍‌ସିଆଲ୍ ସର୍ଭିସ ତରଫରୁ ଏକ ଆକାଉଣ୍ଟ ନମ୍ବର ଦିଆଯାଏ। ଏହି ନମ୍ବରରେ ଜଣେ ପ୍ରାୟ ୨୦୦ କମର୍ସିଆଲ୍ ସେଣ୍ଟର ଓ ଏଠାରେ ଥିବା ଛୋଟବଡ଼ ଦୋକାନରେ କିଣାକିଣି କରିପାରିବ। କେହି ଯଦି ଅତିଥି ଆସନ୍ତି ତାଙ୍କୁ ଡେବିଟ୍ କାର୍ଡ ପରି ଏକ ଅରୋ କାର୍ଡ ଦିଆଯାଏ। ତେଣୁ ଅରୋଭିଲ୍ଲେ ମଧ୍ୟରେ ପଇସା ଦେଇ ଜିନିଷ କିଣାବିକା ହୁଏନାହିଁ।

**ନା ପୋଲିସ ନା ମେୟର:** ଏଠାରେ ରହୁଥିବା ଲୋକଙ୍କର ଦୁନିଆର କୌଣସି କଥାକୁ ନେଇ କିଛି ଫରକ ପଡ଼େନା। ସବୁ ସମୟରେ ଏଠାକୁ ଟୁରିଷ୍ଟ ଆସିଥାନ୍ତି। କିନ୍ତୁ ସହରର ସୁପରିଚାଳନା କରିବା ପାଇଁ ପୋଲିସ କିମ୍ବା ମେୟର ନାହାନ୍ତି। ଏଠାକାର ଲୋକ ହିଁ ନିଜ ଦାୟିତ୍ୱ ନିଜେ ନିଅନ୍ତି। ଲୋକମାନେ ଅଧିକାଂଶ ସମୟ ଯୋଗ କରିବାରେ ସମୟ କଟାନ୍ତି। ଏଠାରେ ରହିଛି କେବଳ ଏକ ମାତ୍ର ମନ୍ଦିର ଯେଉଁଠିକୁ କେବଳ ଲୋକେ ଧ୍ୟାନ ଓ ଯୋଗ ପାଇଁ ଆସନ୍ତି। ଏଠାରେ ଏକ ସୁନ୍ଦର ବିଚ୍ ବି ରହିଛି। ଶାନ୍ତିପ୍ରିୟ ଲୋକଙ୍କ ପାଇଁ ଏହି ସ୍ଥାନ ସର୍ବୋତ୍ତମ। ଏଠାରେ ଏକ ସୁନ୍ଦର ଆଉ ଖୁବ୍ ବଡ଼ ବଟାନିକାଲ ଗାର୍ଡେନ ବି ରହିଛି ; ଯାହା ପାଖାପାଖି ୫୦ ଏକରର। ଅରୋଭିଲ୍ଲେ ସହରର ଏକ ନିଜସ୍ୱ ଆର୍କିଟେକ୍ ରହିଛି। ଏସବୁ ଛଡ଼ା ଏଠାରେ ଇଣ୍ଡଷ୍ଟ୍ରି, ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ, ଫାର୍ମହାଉସ୍ ଓ ରେଷ୍ଟୁରାଣ୍ଟ ବି ରହିଛି। ଏହାର ନିଜସ୍ୱ ଇ-ମେଲ୍ ନେଟ୍‌ୱର୍କ ବି ରହିଛି। ତେବେ ସବୁଠୁ ବଡ଼ କଥା ହେଲା ୫୦ରୁ ଊର୍ଦ୍ଧ୍ୱ ଦେଶର ଲୋକେ ଏଠାରେ ରହୁଛନ୍ତି ପୁଣି କେହି କାହାର ଭାଷା ବୁଝୁ ନାହାନ୍ତି। ତଥାପି ବି ସମସ୍ତେ ଶାନ୍ତି ଶୃଙ୍ଖଳା ସହ ବସବାସ କରୁଛନ୍ତି ; ଯାହା କାହାକୁ ବି ଆଶ୍ଚର୍ଯ୍ୟ କରିଦେବ।









# ଧର୍ମଦ୍ରୋହୀ

## ଓଁ ଅଭିଜ୍ଞାନ ସାହୁ



ସକାଳୁ ଅପରାଧୀକୁ ଘରୁ ଗିରଫ କରିବାକୁ ଦଳ ବଳ ନେଇ ପୋଲିସ ପହଞ୍ଚିଲା । ଘର ଚାରିପଟେ ସଶସ୍ତ୍ର ପୋଲିସ । ଲାଗିଲା, ଯେମିତି ଗୋଟେ ନାମଜାଦିଆ ଆତଙ୍କବାଦୀକୁ ଗିରଫ କରିବାକୁ ପୋଲିସ ଆସିଛି । ଦେଖୁଦେଖୁ ଆଖପାଖର ଲୋକ ଆସି ରୁଣ୍ଡହେଲେ । ଘର ଭିତରୁ ଜଣେ ଯୁବକକୁ ହାତକଡ଼ା ପକେଇ ବାହାରକୁ ଆଣୁଥିଲା ବେଳେ ତା' ମା' ତାକୁ ଛାଡ଼ିଦେବା ପାଇଁ ପୋଲିସକୁ ନେହୁରା ହେଉଥାଏ ।

କିଛି ମୁଣ୍ଡିଆଳ ଦର୍ଶକ ପୋଲିସକୁ ପଚାରିଲେ ଯୁବକ ଜଣକ ଗିରଫ ହେବାର କାରଣ । ପୋଲିସ କହିଲା, ଜଣେ ମହିଳାଙ୍କ ଅଶ୍ଳୀଳ ଭିଡିଓ ବନେଇ ଭାଇରାଲ କରିବାରୁ ଗିରଫ ହେଲା । ଦର୍ଶକଙ୍କ ରାଗ ବଢ଼ିଗଲା । ନିଜ ଘରେ ମାଆ, ଭଉଣୀ । ଦାୟିତ୍ୱ ଅଛି କି ନାହିଁ ? ପୋଲିସର ବଳୟକୁ ଭାଙ୍ଗି ଯୁବକକୁ ଭୀଷଣ ପିଟିଲେ । ପୋଲିସ ବି କପି ପାଇଁ ସୁଯୋଗ ଦେଉଥିବା ଅଧ୍ୟାପକ ଭଳି ଅତ୍ୟନ୍ତ ଶାନ୍ତ ରହିଲା । ଯୁବକର ବିକଳି ଚିତ୍କାରଠାରୁ ଆହୁରି ଅଧିକ ବିକଳ ହୋଇ ରଡି ଛାଡ଼ି ମାଆଟି କାନ୍ଦୁଥିଲା । ଲୋକଙ୍କ ଗହଳିକୁ ହାତରେ ରୋକି ପୁଅକୁ ଜାବୁଡ଼ି ଧରି ନିଜ ଉପରକୁ ମାଡ଼ତକ ନେବାକୁ ଚାହୁଁଥିଲା । ଲୋକେ ମାଆକୁ କେତେ ଥର ଠେଲିଥିଲେ ମନେନାହିଁ, କିନ୍ତୁ ବିପର୍ଯ୍ୟସ୍ତ ଶାଢ଼ି ଓ ଖଣ୍ଡିଆଖାବରା ଦେହରେ ପୁଅର ନାଁ ଧରି ମାଆଟି ହେକା ଉଠେଇ କାନ୍ଦୁଥିଲା ।

ମନ ଶାନ୍ତ ହେଲା ପରେ ଯେଝା କାମରେ ଯିଏ ଚାଲିଗଲେ । ଅଧମରା ହେଇ ପଡ଼ିଥାଏ ପୁଅ । ପାଖକୁ ଘୁଷୁଡ଼ି ଘୁଷୁଡ଼ି ଆସି ପୁଅକୁ ମା'ଟି ପଚାରିଲା– ମୋ ସଂସ୍କାରରେ କ'ଣ ଅଭାବ ଥିଲା ତୁ ଏମିତି ଘୃଣ୍ୟ କାମ କଲୁ । ପୁଅ କଷ୍ଟରେ ମୁହଁ ଉଠେଇ କହିଲା, ନା ମା' ମୁଁ କିଛି ଭୁଲ୍‌କରିନି । କିଛି ଲୋକ ଜଣେ ମହିଳା ଦେହରୁ ପୋଷାକ ଉତାରି ବିଚ୍ ରାସ୍ତାରେ ଖରାପ ବ୍ୟବହାର କରୁଥିଲେ । ମହିଳା ସାହାଯ୍ୟ ପାଇଁ ଚିତ୍କାର କରୁଥିଲା, ହେଲେ କେହି ପାଖକୁ ଯାଇ ଦୁର୍ବୃତ୍ତମାନଙ୍କୁ ପ୍ରତିରୋଧ କରୁନଥିଲେ । ସେ ମହିଳାଙ୍କ ଦୋଷ ହେଲା ସେ ଅନ୍ୟ ଏକ ଧର୍ମର ପୁଅକୁ ବିବାହ କରିଥିଲା । ଦେଖଣାହାରୀମାନଙ୍କ ଭିତରୁ କିଛି ଲୋକ ସେ ମହିଳାଙ୍କୁ କୁଭାଷା ବି କହୁଥାଆନ୍ତି । ମହିଳାଙ୍କ ଯୋଗୁ କୁଆଡ଼େ ସେମାନଙ୍କ ମହାନ୍ ସଂସ୍କୃତି ଓ ଧର୍ମ ଅପମାନିତ ହୋଇଛି । ସେ କରିଥିବା ପାପର ଦଣ୍ଡ ଥିଲା ଉଲଗ୍ନ କରି ମୁହଁରେ କଳା ବୋଳି ପାରେଡ କରେଇବା । ସେମାନେ ସମସ୍ତେ ସମାଜର ଖୁବ୍ ଶକ୍ତିଶାଳୀ ଓ ମୁଷ୍ଟିମେୟ ଲୋକ । ବିଚାରି ମହିଳାଙ୍କୁ ସାହାଯ୍ୟ କରିବା ପାଇଁ ମୋର ସାହସ ହେଲାନାହିଁ । ମୁଁ କେବଳ ଏହାର ଭିଡିଓ କରିଥିଲି ଏହି ଅନ୍ୟାୟକୁ ଲୋକଲୋଚନକୁ ଆଣିବା ପାଇଁ । ମୁଁ ଚାହୁଁଥିଲି ସତ୍ୟ କ'ଣ ଲୋକେ ଜାଣନ୍ତୁ ଓ ସେ ନିରୀହା ମହିଳାଙ୍କୁ ଡେରିରେ ହେଉ ପଛେ ନ୍ୟାୟ ମିଳୁ । ଏମିତି ବୀଭତ୍ସ କାଣ୍ଡ ଆଉ କାହା ସହ ନ ହେଉ ।

ମା' ପୋଲିସକୁ ନେହୁରା ହୋଇ ପୁଅ ପାଇଁ କ୍ଷମା ପ୍ରାର୍ଥନା କଲା । କଥା ଦେଲା ପୁଅ ଆଉ ସେଭଳି ମାମଲତି କରିବ ନାହିଁ । ପୋଲିସ କହିଲେ କ୍ଷମାଦେବାର ପ୍ରଶ୍ନ ଉଠୁନି । ଯଦି ସେ ଭିଡିଓ ନ କରି ଝିଅକୁ ନିର୍ବସ୍ତ୍ର କରିବାରେ ଲୋକମାନଙ୍କୁ ସାହାଯ୍ୟ କରିଥା'ନ୍ତା, ତେବେ ଏଯାଏଁ କଥା ଆସିନଥାନ୍ତା । ଇଏ ଧର୍ମର ରକ୍ଷକମାନଙ୍କ ଭିଡିଓ ସର୍ବସାଧାରଣରେ ପ୍ରଚାର କରି ଧର୍ମଦ୍ରୋହୀର କାମ କରିଛି ।

ପୁଅ କଷ୍ଟରେ ମୁହଁ ଉଠେଇ କ'ଣ କହିବାକୁ ଚାହୁଁଥିଲା ; କିନ୍ତୁ ପୋଲିସ ଗୋରୁଗାଈଙ୍କୁ ପଘା ଲଗେଇ ଭିଡ଼ିଲା ଭଳି ତାକୁ ନେଇ ଭ୍ୟାନ୍ ଭିତରେ ଫୋପାଡ଼ିଦେଲେ ।

ତା'ପରଦିନ ଖବରକାଗଜରେ ବାହାରିଲା ମହିଳାଙ୍କ ଅଶ୍ଳୀଳ ଭିଡିଓକୁ ଭାଇରାଲ କରିଥିବା ଅପରାଧୀକୁ ଧରିବା ପାଇଁ ପୋଲିସ ପିଛା କରୁଥିବାବେଳେ ପୋଲିସ ଏନ୍‌କାଉଣ୍ଟରରେ ଅପରାଧୀର ମୃତ୍ୟୁ । ତା' ପାଖରୁ ଗୋଟିଏ ପାକିସ୍ତାନ ସେନାର ପିସ୍ତଲ ଓ କିଛି ଆପତ୍ତିଜନକ କାଗଜପତ୍ର ଜବତ ହେଇଛି । ପୁଅ ମରିବାର ଦୁଇ ଦିନ ପରେ ନଈପଠାରୁ ମିଳିଥିଲା ମାଆର ବସ୍ତ୍ରହୀନ ଖଣ୍ଡିଆ ଖାବରା ଶବ । ମାଆଟି ବାୟାଣୀ ଭଳି ହସି କାନ୍ଦି ନଈକୁ ଡେଇଁ ଆତ୍ମହତ୍ୟା କରିଛି । ଲୋକେ କହିଲେ, ପୁଅର ଅଧର୍ମ କାମକୁ ଧର୍ମ ସହିଲାନି । ନିଜେ ତ ମଲା, ମାଆକୁ ବି ମାରିଦେଇ ଗଲା । ଏଇଆ ବି କହିଲେ, ମନୁସ୍ମୃତିର ଅଷ୍ଟମ ଅଧ୍ୟାୟରେ ପରା କୁହାଯାଇଛି ଯିଏ ଧର୍ମର ନାଶ କରିବାକୁ ଚେଷ୍ଟା କରେ ତାକୁ ଧର୍ମ ନାଶ କରେ । ଯିଏ ଧର୍ମର ରକ୍ଷା କରେ, ତା'ର ରକ୍ଷା ଧର୍ମ କରେ ।

*–ବନମାଳୀ ଭବନ, ଖାନ୍‌ନଗର, କଟକ*
*ମୋ:୯୪୩୭୦୧୦୭୫୮*



## ମେଘ

**–ଡ଼. ନୃସିଂହ ଚରଣ ଷଡଙ୍ଗୀ**

କେଉଁଠି କେଉଁଠି କୃଷ୍ଣଚୂଡ଼ାତ କେଉଁଠି କୁଆଁରୀ ନଈ,
ମେଘ ଆସିଲାଣି ମାଘଶୀତ ପରି ଧୂସର ଆକାଶ ଛୁଇଁ
ନଈପଠା କୂଳ ଉଛୁର ଗାଁର ଗୋହିରୀ ଛୁଇଁବ ମେଘ,
ଶୈଶବ ତା'ର ଉଡୁରେ ଯେମିତି ମେଘମଲ୍ଲାର ରାଗ ।


ଉତ୍ତରମେଘର ଦକ୍ଷିଣମୋଡରେ ପହୁଡ ଭାଙ୍ଗୁଛି ଦେହ,
ମେଘବତୀ ପରି ସେ କେଉଁ ନାରୀର ଆଖିରେ ଆଖିଏ ଲୁହ,
ଯେମିତିକି ସେତ କୁଆଁରୀ ବର୍ଷା ଭସାଇବ ଗୋପପୁର,
ଅଧୀର ଓଠରୁ ଯେମିତି କ୍ଷରୁଛି ଉତ୍ତର ନିରୁତ୍ତର ।

ଏଇ ଛୁଇଁଗଲା ଧୀରେଧୀରେ ମେଘ ମାଟିର କୁଆଁରୀ ମନ,
ଡାହୁକ ଡାକିଲା ବେଳବୁଡିଗଲା ପାହାଡ ମଥାରେ ଜହ୍ନ ।
ତୁମ ଥମଥମ ମୁହଁ ପରି ଏଇ ମେଘ ଆକାଶର ରାତି,
ମଦନ ମୋହରେ ପଡିଛି ଯେମିତି ସେକେଉଁ ଅଘୋରୀଯତି ।

ଗାଁ ଗୋହିରୀରେ ତଥାପି ଘୁମୁରେ ରାତିର ଘୁମୁରା ସୁର,
ଯେମିତି ମେଘର ବନ୍ଦ କବାଟ ଖୋଲିଛି ଦକ୍ଷିଣ ଦ୍ୱାର ।

*–ମହାନଦୀ ବିହାର, କଟକ*
*ମୋ: ୯୯୩୭୨୨୨୧୨୨*





## ସନ୍ତକ

**– ଚିନ୍ମୟ ବିବେକ**

ଏଇ ଟିକକରେ
ଆମେ ଓହ୍ଲେଇଯିବା
ନିଜ ନିଜ ରାସ୍ତାରେ
ଆଉ ଭେଟ ହେବା କି ନାହିଁ
ସେ କଥା ମୁଁ ନା ତମେ
କିଏ ଜାଣେ ?

କେମିତି ଯୋଗରେ ବାହାରିଥିଲେ ?
ହସୁଥିବା ଚନ୍ଦ୍ର ଲିଭିଗଲା
ଫେରିବା ବାଟରେ
ଯେତେଥର ବନ୍ଧ ଭାଙ୍ଗୁ ପଛେ
ସ୍ରୋତସ୍ୱିନୀ ନଈ
ନିଶ୍ଚେ ବହିବ ତା' ରାସ୍ତାରେ ।

ତମେ ଏତେ ପାଖରେ
ଅଥଚ କେତେ ଯେ ଆଲୋକ ବର୍ଷ
ଆମ ଭିତରେ !

ଓହ୍ଲେଇଯିବି ଏଇ ଆଗ ଛକରେ
ଏଇ ନିଅ ଏ ରକ୍ତ ଗୋଲାପ
ସାଇତି ରଖିବ ପାଖରେ
ରକ୍ତାକ୍ତ ହୁଅ ବା ନ ହୁଅ
ଅସଲ ବେଳେ ହୁଏତ
ଆସିପାରେ ଏହା
ତମର କାମରେ ।

*–ଦଇତାପଡ଼ା ସାହି, ପୁରୀ*
*ମୋ:୯୪୩୭୨୮୫୬୨୩*

# ବୋଲ୍ଡ ଶଟ୍ ଦେବେ କିଆରା



କିଆରା ଆଡଭାନୀଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। ନିକଟରେ ସେ ଏକ ନୂଆ ସିନେମା ସାଇନ୍ କରିଛନ୍ତି। ଏଥିରେ ତାଙ୍କୁ କୁଆଡେ କେତୋଟି ବୋଲ୍ଡ ଶଟ୍ ଦେବାକୁ ପଡିବ। ଏ ସମ୍ପର୍କରେ ସୂଚନା ପାଇବା ପରେ ତାଙ୍କର ଟେନସନ ବଢ଼ିଯାଇଛି। ଏ ସମ୍ପର୍କରେ କିଆରା କହନ୍ତି, 'ଏକଥା ସତ ଯେ ଶୁଟିଂ ସମୟରେ କାହାଣୀରେ କିଛି ପରିବର୍ତ୍ତନ କରାଯାଇଛି। ଏହାକୁ ଆହୁରି ଦମଦାର କରିବା ଲାଗି ସେଥିରେ କେତେକ ନୂଆ ସିକୁଏନ୍ସ ଯୋଡା ଯାଇଛି। ସେହି ଅନୁସାରେ ମୋତେ କେତୋଟି ବୋଲ୍ଡ ଶଟ୍ ଦେବାକୁ ପଡିବ। ଏ ନେଇ ନିର୍ଦ୍ଦେଶକ ମୋତେ ଭଲ ଭାବରେ ବୁଝାଇ ସାରିଛନ୍ତି। ତେଣୁ ସେ କଥାକୁ ନେଇ ଯେଉଁ ଆଲୋଚନା ଚାଲିଛି ତାହା ଠିକ୍ ନୁହେଁ। ଏହି ଫିଲ୍ମରେ ମୋତେ ଏକ ଭିନ୍ନ ଧରଣର ଭୂମିକାଟିଏ ମିଳିଛି, ପୁଣି ତାହା ମୋ ଅଭିନୟ କ୍ୟାରିୟରକୁ ନୂଆ ମୋଡ ଦେବ ବୋଲି ଆଶା ମଧ୍ୟ ରଖିଛି। ଅସଲ କଥା ହେଲା ଅଯଥା ବୋଲ୍ଡ ଶଟ୍ ଦେବା ସପକ୍ଷରେ ମୁଁ ଆଦୌ ନ ଥାଏ। ପୁଣି କେହି କେହି ଏପରି ଶଟ୍ ଦେବା ପରେ ନିଜକୁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସଜାଇ ଥାଆନ୍ତି। ହେଲେ ମୁଁ ସବୁବେଳେ ମୁଁ ଅଭିନୟ କରୁଥିବା ଫିଲ୍ମର କାହାଣୀ ଏବଂ ସେଥିରେ ନିଜ ଭୂମିକାକୁ ଅଧିକ ଗୁରୁତ୍ୱ ଦେଇଥାଏ। ଏହି ନୂଆ ସିନେମାରେ ମୋର ବୋଲ୍ଡ ଶଟ୍‌କୁ ଅଯଥା ସଂଯୋଗ କରାଯାଇନାହିଁ। ଏହା ଶତ ପ୍ରତିଶତ କାହାଣୀ ସହିତ ଜଡିତ।' ଫିଲ୍ମଟିର ଟାଇଟଲ ଫାଇନାଲ ହୋଇନାହିଁ। ହେଲେ ଏହାର ଶୁଟିଂ ପ୍ରାୟ ୪୦ ପ୍ରତିଶତ ଶେଷ ହେଲାଣି। ତେବେ କିଆରାଙ୍କ ପାଇଁ ଏହି ରୋଲ୍ କେତେ ଶୁଭପ୍ରଦ ସାବ୍ୟସ୍ତ ହେଉଛି ତାହା ଦେଖିବାକୁ ବାକି ରହିଲା।

## ଟିପ୍ସ ବାଣ୍ଟୁଛନ୍ତି କ୍ୟାଟ୍ରିନା

କ୍ୟାଟ୍ରିନାଙ୍କ ମୁଣ୍ଡକୁ ଏକ ନୂଆ ଆଇଡିଆ ଜୁଟିଛି। ସେ ଏବେ ନିଜକୁ ଏକ ନୂଆ କାମରେ ବ୍ୟସ୍ତ ରଖିଛନ୍ତି। ସେପଟେ ନିଜର ଦୁଇଟି ସିନେମା– 'ଟାଇଗର–୩' ଏବଂ 'ଜି ଲେ ଜରା'କୁ ନେଇ ସେ ବ୍ୟସ୍ତ। ସେହି ନୂଆ କାମଟି କ'ଣ ଜାଣିବେନି ? କଥା କ'ଣ କି ନିଜ ସାଙ୍ଗମାନଙ୍କୁ କ୍ୟାଟ୍ରିନା ଏବେ ଫିଟନେସ୍ ଟିପ୍ସ ବାଣ୍ଟିବାରେ ବ୍ୟସ୍ତ। ନିକଟରେ ତାଙ୍କର କେତେ ଜଣ ସାଙ୍ଗଙ୍କ ସହ ଭେଟ ହୋଇଗଲା। ବାସ୍, ଆଲୋଚନା ତ ଲମ୍ବି ଚାଲିଲା। ଏହି ସମୟରେ ନିଜର ଫିଟ୍‌ନେସ ନେଇ କିଛି କହିବାକୁ ଭୁଲି ନ ଥିଲେ ଏହି ଅଭିନେତ୍ରୀ। ଏହାପଛରେ ଏକ୍ସରସାଇଜ ଏବଂ ଡାଏଟିଂ ବ୍ୟତୀତ ଯୋଗର ଭୂମିକା ରହିଛି ବୋଲି ସୂଚନା ଦେଇଥିଲେ ସେ। 'ଯୋଗ ଦ୍ୱାରା ଜଣେ ନିଜକୁ ଅନେକାଂଶରେ ଫିଟ୍ ରଖିପାରିବ। ପ୍ରତିଦିନ ମୁଁ ଯେମିତି ହେଲେ କିଛି ସମୟ ଯୋଗ କରିଥାଏ। ତା'ସହ ଏକ୍ସରସାଇଜ ଏବଂ ଡାଏଟିଂ ପ୍ରତି ମଧ୍ୟ ଗୁରୁତ୍ୱ ଦିଏ ବୋଲି କହନ୍ତି କ୍ୟାଟ୍ରିନା।' 'ଟାଇଗର–୩ରେ ସଲମାନଙ୍କ ନାୟିକ ସାଜିଥିବା ବେଳେ 'ଜି ଲେ ଜରା'ରେ ତାଙ୍କ ବ୍ୟତୀତ ପ୍ରିୟଙ୍କା ଚୋପ୍ରା ଏବଂ ଆଲିୟା ଭଟ୍ଟ ଅଛନ୍ତି।



କ୍ୟାଟ୍ରିନା

## କେବଳ ଚିରଞ୍ଜୀବୀଙ୍କ ପାଇଁ

ତେଲୁଗୁ ହେଉ ଅବା ତାମିଲ ଫିଲ୍ମ ଇଣ୍ଡଷ୍ଟ୍ରିରେ ରେଜିନା କେସେଣ୍ଡ୍ରା ଏକ ପରିଚିତ ନାମ। ଇତିମଧ୍ୟରେ ସେ ଅନେକ ଦକ୍ଷିଣ ଭାରତୀୟ ସିନେମାରେ ଅଭିନୟ କରିସାରିଲେଣି। କେବଳ ସେତିକି ନୁହେଁ, ତାଙ୍କ ଅଭିନୀତ ହିନ୍ଦୀ ସିନେମା 'ସେକ୍ସନ ୧୦୮' ମଧ୍ୟ ନିକଟରେ ରିଲିଜ ହୋଇସାରିଛି। ତେବେ ତାଙ୍କ ଅଭିନୟ ଜୀବନର ଏକ ସ୍ମରଣୀୟ ଘଟଣାକୁ ମନେ ପକାଇ ରେଜିନା କୁହନ୍ତି, 'ମତେ ତେଲୁଗୁ ଫିଲ୍ମ 'ଆଚାର୍ଯ୍ୟ'ରେ ଏକ ଆଇଟମ୍ ନମ୍ବରରେ ନାଚିବାକୁ ଅଫର ଦିଆଯାଇଥିଲା। ଆଉ ମୁଁ କୌଣସି ଆଗପଛ ବିଚାର ନ କରି ରାଜି ହୋଇଯାଇଥିଲି। କାରଣ ମୋର ସବୁଠାରୁ ପ୍ରିୟ ଆକ୍ଟର ହେଉଛନ୍ତି ଚିରଞ୍ଜୀବୀ। ମୁଁ ସବୁବେଳେ ତାଙ୍କ ସହ ଅଭିନୟ କରିବା କଥା ଭାବୁଥିଲି। ଯେତେବେଳେ ମୋତେ ଏହି ଅଫରଟି ମିଳିଲା। ମୁଁ ଭାବିଲି, ଆଇଟମ୍ ନମ୍ବର ହେଉ ପଛେ ମୁଁ ସେଥିରେ ନାଚିବି। କାରଣ ଏହି ଫିଲ୍ମର ଲିଡ୍ ରୋଲ୍‌ରେ ଅଭିନୟ କରୁଥାଆନ୍ତି ମେଗା ଷ୍ଟାର ଚିରଞ୍ଜୀବୀ। ଶୁଟିଂ ସମୟରେ ତାଙ୍କ ସହ ମିଶିବାର ସୁଯୋଗ ମିଳିଲା। ଆଉ ତାଙ୍କଠାରୁ ମୁଁ ଆକ୍ଟିଂ ବିଷୟରେ ଅନେକ କଥା ଜାଣିପାରିଲି।'



ରେଜିନା

## ମନ ଜିଣିବେ ମଣ୍ଟୁ



ମଣ୍ଟୁ

ଶୁଭାଶିଷ ଶର୍ମା ଓରଫ ମଣ୍ଟୁ। କେବଳ ଛୋଟ ପରଦା ନୁହେଁ, ଓଡ଼ିଆ ସିନେମାରେ ମଧ୍ୟ ନିଜ ଅଭିନୟ ଦକ୍ଷତା ଦେଖାଇ ଦର୍ଶକାଦୃତ ହୋଇସାରିଛନ୍ତି। ଖୁବ୍ ଶୀଘ୍ର ତାଙ୍କ ଅଭିନୀତ 'କାଇଁଚ ମାଳି : ମାଟିର ଛିଟାରେ ଆମ ମାଟିର ଗପ' ରିଲିଜ ହେବାକୁ ଯାଉଛି। ଏଥିରେ ମଣ୍ଟୁ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ଏହି ଫିଲ୍ମରେ ତାଙ୍କ ସହ ସ୍କ୍ରିନ୍ ସେୟାର କରିଛନ୍ତି ସୁପ୍ରିୟା ନାୟକ। ଏଥିରେ ଦୁଷ୍ମନ୍ତ ପଣ୍ଡା ଏବଂ ନମ୍ରତା ଥାପ୍ପାଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଉକ୍ତ ଚିତ୍ରରୁ ବଡ ପରଦାରେ ନିଜର ନିର୍ଦ୍ଦେଶନା କ୍ୟାରିୟର ଆରମ୍ଭ କରୁଛନ୍ତି ମହେଶ ହାଜ୍‌ରା। ବିଶେଷଭାବରେ ମେଗା ଧାରାବାହିକ 'ଦୁର୍ଗା' ତାଙ୍କୁ ଘରେ ଘରେ ପରିଚିତ କରାଇବାରେ ସକ୍ଷମ ହୋଇଥିଲା। ଏହି ଫିଲ୍ମରେ ନିଜ ଭୂମିକା ଦର୍ଶକଙ୍କ ମନକୁ ଛୁଇଁବ ବୋଲି ଆଶା ରଖିଛନ୍ତି ମଣ୍ଟୁ। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ନବାଗତ ପ୍ରଯୋଜକ ସତ୍ୟଜିତ ବାଗ୍। ଏଥିରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅନ୍ୟତମ ଆଗଧାଡିର ସ୍ୱର ସଂଯୋଜକ ବୈଦନାଥ ମିଶ୍ର। ଚିତ୍ରର ବିଭିନ୍ନ ଭୂମିକାରେ ଅଶ୍ରୁମୋଚନ ମହାନ୍ତି, ପ୍ରିୟଙ୍କା ମହାପାତ୍ର, ଭୂପତି ତ୍ରିପାଠୀ, ମନୀଷା ମିଶ୍ର ଏବଂ ଅଶୋକ ଦାସ ପ୍ରମୁଖ କଳାକାର ଅଭିନୟ କରିଛନ୍ତି।

## ପିଜ୍ଜାପ୍ରିୟ ସାରା

ସୈଫ ତନୟା ସାରା ନିଜ ଫିଟ୍‌ନେସ୍‌କୁ ନେଇ ବେଶ୍ ସଚେତନ। ହେଲେ ଏପରି ଏକ ଖାଦ୍ୟ ଅଛି, ଯାହାକୁ ସେ ଖାଇବାକୁ ଭାରି ପସନ୍ଦ କରନ୍ତି। ପ୍ରତିଦିନ ଏହାକୁ ନ ଖାଇଲେ ତାଙ୍କୁ ଯେମିତି କିଛି ହଜାଇ ଦେଲା ଭଳି ଲାଗେ। ସେ ଖାଦ୍ୟଟି କ'ଣ ଜାଣିବେନି ? ପିଜ୍ଜା। ନିଜର ଏଭଳି ଅଭ୍ୟାସ ବିଷୟରେ ସେ କହନ୍ତି, ''ପିଜ୍ଜା ଏକ ଫାଷ୍ଟଫୁଡ୍ ବୋଲି ମୁଁ ଜାଣିଛି। ତଥାପି ଏହାକୁ ପ୍ରତିଦିନ ନ ଖାଇଲେ ମୋ ମନକୁ ଶାନ୍ତି ଆସି ନ ଥାଏ। ବେଳେବେଳେ ନିଜେ ପିଜ୍ଜା ପ୍ରସ୍ତୁତ କରି ଖାଇଥାଏ। ନିକଟରେ ମୁଁ ମୋ ସାଙ୍ଗମାନଙ୍କୁ ଘରକୁ ଡାକି ସେମାନଙ୍କୁ ନିଜ ଦ୍ୱାରା ପ୍ରସ୍ତୁତ ପିଜ୍ଜା ଖୁଆଇଥିଲି। ସେମାନେ ମଧ୍ୟ ଏହି ପିଜ୍ଜାକୁ ଖାଇ ମୋତେ ବେଶ୍ ପ୍ରଶଂସା କରିଥିଲେ।''

## ଅନୁତାପ କରୁଛନ୍ତି ଅର୍ଜୁନ

କଥାରେ ପରା ଅଛି– 'ବୋହି ଗଲା ପାଣି ଆଉ ଧନୁରୁ ତୀର ଖସିଲା ପରେ ତାହା ଆଉ ଫେରିଆସେନା।' ଦେଖୁନାହାନ୍ତି, ଯେତେବେଳେ ଅର୍ଜୁନ କପୁରଙ୍କୁ ଏକ ନୂଆ ଅଫର ମିଳିଥିଲା ସେଥିରେ ଅଭିନୟ କରିବେ ନାହିଁ ବୋଲି ମନା କରିଦେଇଥିଲେ। ହେଲେ ଯେତେବେଳେ ସେ ନିଜ ନିଷ୍ପତ୍ତି ପରିବର୍ତ୍ତନ କଲେ ସେତେବେଳେ ସବୁ କିଛି ଶେଷ ହୋଇ ଯାଇଥିଲା। ତାଙ୍କ ସ୍ଥାନରେ ପ୍ରଯୋଜନା ସଂସ୍ଥା ଜଣେ ନବାଗତଙ୍କୁ ସାଇନ୍ କରିସାରିଛି। ଅର୍ଜୁନ କୁହନ୍ତି,''ଅବଶ୍ୟ ଆରମ୍ଭରୁ ସେହି ନୂଆ ଅଫରରେ ଅଭିନୟ କରିବାକୁ ମନା କରିଥିଲି। କିନ୍ତୁ ଯେତେବେଳେ ନିଷ୍ପତ୍ତି ବଦଳାଇଲି ସେତେବେଳେ ସୁଯୋଗଟି ହାତଛଡା ହୋଇ ସାରିଥିଲା। ଏବେ କେବଳ ସେ ନେଇ ଅନୁତାପ କରିବା ହିଁ ସାର।



ଅର୍ଜୁନ



ସାରା

**ପ୍ରଥମ ରୋଜଗାର**

# ପାରିଶ୍ରମିକ ଟଙ୍କାରେ ଚଣ୍ଡୀ ମନ୍ଦିରରେ ଭୋଗ କରିଥିଲି



କବି ତଥା ଶିକ୍ଷାବିତ୍ **ଅଶୋକ କୁମାର ମଲ୍ଲ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ନୟାଗଡ଼ ଟାଉନ୍‌ଠାରୁ ପ୍ରାୟ ୭ କି.ମି ଦୂର ବେଗୁନିଆପାଟଣା ଗାଁରେ ମୋ ଜନ୍ମ। ଆଙ୍କୁଲାଇ ଉଚ୍ଚ ବିଦ୍ୟାଳୟରୁ ୧୯୮୭ରେ ମାଟ୍ରିକ୍ ପାସ୍ କରିବା ପରେ ନୟାଗଡ଼ କଲେଜରେ ଯୁକ୍ତ ଦୁଇ ଓ ଯୁକ୍ତ ତିନି (ଇତିହାସ ସମ୍ମାନ) ପଢ଼ିଥିଲି। ତା'ପରେ ରେଭେନ୍ସା କଲେଜରେ ପି.ଜି. କଲି। ଏହି ସମୟରେ 'ପରିତ୍ୟକ୍ତ ଉପତ୍ୟକାର ମଣିଷଟିଏ' ଶୀର୍ଷକ ଗପ ଆକାଶବାଣୀକୁ ପଠାଇଥିଲି। ଗପଟି ଚୟନ ହେବାରୁ ଯେଉଁଦିନ ଯାଇ ଆକାଶବାଣୀରେ ଗପଟି ପଢ଼ିଲି, ସେଦିନ ମୋତେ ୨୨୦ ଟଙ୍କା ପାରିଶ୍ରମିକ ମିଳିଥିଲା ; ଯାହାକି ଥିଲା ମୋ ଜୀବନର ପ୍ରଥମ ଉପାର୍ଜିତ ଧନ। ଖୁସିରେ କଟକ ଚଣ୍ଡୀ ମନ୍ଦିରକୁ ଯାଇ ଭୋଗ କଲି ଆଉ ସେହି ଭୋଗକୁ ନେଇ ସିଧା ଗାଁରେ ପହଞ୍ଚିଲି। ଘରେ ସବୁ କଥା ଜଣାଇବାରୁ ସମସ୍ତେ ବହୁତ ଖୁସି ହେଲେ। ତା'ପରଦିନ ସେହି ପଇସାରୁ କିଛି ନେଇ ବୋଉ ଗାଁ ମନ୍ଦିରରେ ବି ଭୋଗ କରି ସମସ୍ତଙ୍କୁ ବାଣ୍ଟିଥିଲା। ତେବେ ପିଜି ପଢ଼ା ସରିବାର ବେଶ୍ କିଛିଦିନ ପର୍ଯ୍ୟନ୍ତ ଅଧ୍ୟାପକ ଚାକିରି ପାଇଁ କୌଣସି ପୋଷ୍ଟ ନ ବାହାରିବାରୁ ବାଧ୍ୟ ହୋଇ ଗାଁ ପାଖରେ ଥିବା ଏକ ଘରୋଇ ଇଂଲିଶ୍ ମିଡିୟମ୍ ସ୍କୁଲ୍‌ରେ ଶିକ୍ଷକତା କରିବାକୁ ଲାଗିଲି। ୨୦୦୫ରୁ ୨୦୧୨ ଯାଏଁ ଏହି ସ୍କୁଲ୍‌ରେ ରହିଲି। ଆଉ ତା'ରି ଭିତରେ ବି.ଇଡି. ପଢ଼ା ସାରିଦେଲି। ୨୦୧୨ରେ ସରକାରଙ୍କ ତରଫରୁ ଶିକ୍ଷା ସହାୟକ ପୋଷ୍ଟ ପାଇଁ ବିଜ୍ଞାପନ ବାହାରିବାରୁ ସେଥିରେ ଆପ୍ଲାଏ କଲି। ସିଲେକ୍ଟ ହେବାରୁ ୨୦୧୨ ନଭେମ୍ବର ୩୦ରେ ନୟାଗଡ଼ ଟାଉନ୍‌ଠାରୁ ପ୍ରାୟ୧୦ କି.ମି ଦୂର ସାନପଣ୍ଡୁସର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବେ ଯୋଗଦେଲି। ସେତେବେଳେ ମାତ୍ର ୪୦୦୦ଟଙ୍କା ଦରମା ଥିଲା। ଯେହେତୁ ସ୍କୁଲ୍ ପାଖରେ ଘରଭଡ଼ା ନେଇ ରହୁଥିଲି, ତେଣୁ ଏତେ କମ୍ ଟଙ୍କାରେ ଚଳିବାକୁ କାଳେ ଅସୁବିଧା ହେବ ସେଥିପାଇଁ ବାପା ମୋତେ ଘରକୁ ଟଙ୍କା ନ ପଠାଇବାକୁ ଜୋର୍ କରି ମନା କରିଥିଲେ। ତଥାପି ମଝିରେ ମଝିରେ ପରିବା ହେଉ କି ମାଛ ମାଂସ କିଣି ଘରକୁ ପଠାଇ ଦେଉଥିଲି। ତା'ସହିତ ସମସ୍ତଙ୍କ ଅଗୋଚରରେ ପ୍ରତିମାସ ବୋଉ ନାଁରେ ମହିଳା ବ୍ୟାଙ୍କ୍‌ରେ ୨୦୦ ଟଙ୍କା ରଖୁଥିଲି। ତାହା ମାଚ୍ୟୁରିଟି ହୋଇଯିବାରୁ ବୋଉଠାରୁ ସାଇନ୍ ନେଇ ସେ ଟଙ୍କା ଉଠାଇବାରୁ ୪୦୦୦ଟଙ୍କା ମିଳିଲା। ବୋଉ ପାଇଁ ସୁନା କାନଫୁଲ କିଣିବାକୁ ଚିନ୍ତା କରି ଦୋକାନକୁ ଗଲି। ସେଠି ଯେଉଁ କାନଫୁଲଟି ମୋର ପସନ୍ଦ ହେଲା, ତାହାର ମୂଲ୍ୟ ୬,୫୦୦ଟଙ୍କା ଥିଲା। ଦୋକାନୀ ଚିହ୍ନା ହୋଇଥିବାରୁ ବାକି ଟଙ୍କା ପରେ ସୁବିଧା ଦେଖି ଶୁଝିଦେବ କହି ମୋତେ ବାଧ୍ୟ କରି କାନଫୁଲଟି ଧରେଇଦେଲେ। ଘରକୁ ଯାଇ ବୋଉକୁ ଯେତେବେଳେ କାନଫୁଲଟି ଦେଲି ଖୁସିରେ ତା' ଆଖିରେ ଲୁହ ଜକେଇ ଆସିଲା। ୟା' ଭିତରେ ଅନେକ ବର୍ଷ ବିତିଗଲାଣି। ଏବେ ବି ମୁଁ ସେହି ସ୍କୁଲ୍‌ରେ ଶିକ୍ଷକତା କରୁଛି, ୨୦୧୮ରୁ ଚାକିରି ରେଗୁଲାର୍ ହୋଇ ଠିକ୍‌ଠାକ୍ ଦରମା ବି ପାଉଛି। ହେଲେ ମୋର ସେହି ମମତାମୟୀ ବୋଉ ଆଉ ନାହିଁ। ବାପାଙ୍କୁ ବି ବୟସ ଅଧିକ ହୋଇଗଲାଣି। ତେଣୁ ଦିନେ ଛାଡ଼ି ଦିନେ ଗାଁକୁ ଯାଇ ବାପାଙ୍କୁ ଦେଖିଆସିଲେ ବାପା ବହୁତ ଖୁସି ହୋଇଯା'ନ୍ତି ଆଉ ମୋତେ ବି ବେଶ୍ ଶାନ୍ତି ଲାଗେ। ତା'ସହିତ ସମୟ ବାହାର କରି ମଝିରେ ମଝିରେ ଗପ, କବିତା ମଧ୍ୟ ଲେଖେ।

# ଅଳପ ହସକୁ ଚୋରା ଚାହାଣୀ, ସେଇଠୁ ଆରମ୍ଭ ପ୍ରେମ କାହାଣୀ




**ପ୍ରଶ୍ନ**–ଜଣେ ଝିଅକୁ ମୁଁ ଅନେକ ଥର 'ଆଇ ଲଭ୍ ୟୁ' କହିସାରିଲାଣି। ସେ ମୋତେ କିଛି କହିବାକୁ ଚାହୁଁଛି,ହେଲେ କହିପାରୁ ନାହିଁ। ତା' ମନର କଥା ମୁଁ କେମିତି ଜାଣିବି ?

*–ବିଜୟ କୁମାର, ସୋନପୁର*

**ଉତ୍ତର:** ପ୍ରଥମେ ମନର ସାହସ ଏକଜୁଟ୍ କରନ୍ତୁ। ସେ ଆପଣଙ୍କୁ କିଛି କହିବାକୁ ଚାହୁଁଛି, ହେଲେ କହିପାରୁନି। ଯଦି ସମ୍ଭବ ତାହାର କାରଣ ଅନୁଧ୍ୟାନ କରନ୍ତୁ। ଯାହାକୁ ପ୍ରପୋଜ କରିଛନ୍ତି ତା'ର ମନର କଥା ହୁଏତ ଚାହାଣୀ ମାଧ୍ୟମରେ ଜଣାପଡିପାରେ। କାରଣ, ଅଳପ ହସକୁ ଚୋରା ଚାହାଣୀ, ସେଇଠୁ ଆରମ୍ଭ ପ୍ରେମ କାହାଣୀ'। ଯଦି ସେପଟୁ କିଛି ସିଗନାଲ ପାଉଛନ୍ତି ତେବେ ଡେରି ନ କରି ବହି ଫିଟ୍ କରିଦିଅନ୍ତୁ।

**ପ୍ରଶ୍ନ**–ସେ ମୋ ସ୍ୱପ୍ନ ସୁନ୍ଦରୀ। ତା'ସହ ଯେତେବେଳେ ପ୍ରଥମ ଥର ଭେଟ ହେଲା, ଏକାଥରେ ତା' ମାୟାରେ ମୁଁ ପଡିଗଲି। ହେଲେ ସେ ମୋତେ ଏବେ ଦେଖିଲେ କେବଳ ହସୁଛି, କିଛି କହୁନି। ସେ ମୋତେ ସତରେ ଭଲ ପାଉଛି ତ ? *–ସୁମିତ ସାହୁ, ପୁରୀ*

**ଉତ୍ତର:** ପ୍ରେମ ଏପରି ଏକ ନିଶା ଯାହା ମନକୁ ଥରେ କବଳିତ କଲେ ସେହି ନିଶା ସହଜରେ ଖସେ ନାହିଁ। ଦେଖୁନାହାନ୍ତି, କେମିତି ପ୍ରଥମ ଦେଖାରେ ସେହି ସୁନ୍ଦରୀ ନିକଟରେ ଆପଣଙ୍କ ରଙ୍ଗୀଲା ମନ ବନ୍ଧା ପଡିଯାଇଛି। ଉଲ୍ଲେଖ କରିଛନ୍ତି ଯେ, ଏବେ ସେ କିଛି କହୁନି, କେବଳ ହସି ଦେଉଛି। ମଗଜ ଖଟାଇ ସେହି ହସରେ ଲୁଚି ରହିଥିବା ତା' ମନ କଥାକୁ ଭଲ ଭାବରେ ପଢ଼ନ୍ତୁ। ଯଦି ଦୁଇ ପଟରୁ ପାଣିପାଗ ଠିକ୍ ଅଛି ତେବେ ବିଳମ୍ବ ନ କରି ପ୍ରେମ ମିଶନ ଆରମ୍ଭ କରିଦିଅନ୍ତୁ। ଏମିତି ବି ହୋଇପାରେ, ସେ ହସି ଦେଇ ତା' ହସର ଉତ୍ତରକୁ ଆପଣଙ୍କଠାରୁ ଅପେକ୍ଷା କରିଛି। ତେଣୁ ସମୟ ନଷ୍ଟ ନ କରି ପାଦ ଆଗକୁ ବଢ଼ାଇବା ହିଁ ଠିକ୍ ହେବ।

**ପ୍ରଶ୍ନ**–ମୋ ପ୍ରେମିକା ମୋତେ ଦୁଇ ବର୍ଷ ହେବ ଧୋକା ଦେଇ ଚାଲିଯାଇଛି। ଏବେ ତାକୁ ଦେଖିଲେ ମୋତେ ଲାଗୁଛି ସେ ମୋତେ ପୁଣି ଥରେ ଭଲ ପାଇବାକୁ ଚେଷ୍ଟା କରୁଛି। ତା' ସହ ପୁଣି ଥରେ ପ୍ରେମ ଆରମ୍ଭ କରିବା ଠିକ୍ ହେବ କି ?

*–ପ୍ରଦୀପ୍ତ କୁମାର ନାୟକ, ଖୋର୍ଦ୍ଧା*

**ଉତ୍ତର:** ଦୁଇ ବର୍ଷର ଗ୍ୟାପ୍ ପରେ ସେହି ପୁରୁଣା ପ୍ରେମିକାକୁ ଦେଖିଲା ବେଳକୁ ଆପଣଙ୍କ ଦିଲ୍‌ର ଧଡକନ୍ ବଢୁଛି। ହୁଏତ ତା' ଆଡକୁ ପୁଣି ଥରେ ଢ଼ଳିବାକୁ ଆପଣ ମନସ୍ଥ କରିସାରିଲେଣି। ହେଲେ ସେ ଆପଣଙ୍କୁ ଧୋକା ଦେଇ ଚାଲିଯାଇଥିଲା। ତାକୁ ପୁଣି ଥରେ ବିଶ୍ୱାସ ପରିସରକୁ ନେବା କେତେଦୂର ଯୁକ୍ତିଯୁକ୍ତ ତାହା ଭଲ ଭାବରେ ତର୍ଜମା କରନ୍ତୁ। ପୁଣି ଥରେ ତା'ସହ ପ୍ରେମ ବନ୍ଧନରେ ବାନ୍ଧି ହୋଇ ଯଦି ପୁଣି ଥରେ ଧୋକା ଖାଇଲେ ସେତେବେଳର ପରିସ୍ଥିତିକୁ ସାମନା କରିପାରିବେ ତ ? ଆଉ ଗୋଟିଏ କଥା। ତାକୁ ଦେଖିଲେ ଆପଣ ପୁଣି ଥରେ ଲଭ୍ ଗେମ୍ ଆରମ୍ଭ କରିବାକୁ ଚାହୁଁଛନ୍ତି। ତାହାର ଏ ନେଇ ସମ୍ମତି ଅଛି ତ ? ଯଦି ଦ୍ୱିତୀୟ ଥର ପ୍ରେମରେ ବିଶ୍ୱାସ ଦୃଢ଼ ରହିଲା ଭଲ କଥା। ହେଲେ ପୁଣି ଥରେ ଯଦି ସେ ଚଢ଼େଇ ଉଡିଗଲା, ତେବେ ! ଏପରି ସମୟରେ ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ।

**ପ୍ରଶ୍ନ**–ମୋ ପ୍ରେମିକା ମୋତେ କଥା ଦେଇ ଯାଇଥିଲା ଯେ ସେ ଫେରି ଆସିବ। ହେଲେ ଦିନ ପରେ ଦିନ ଗଡି ଚାଲିଛି। ଅପେକ୍ଷା କରି କରି ମୁଁ ଧୈର୍ଯ୍ୟହରା ହୋଇଗଲିଣି। ସେହି ଚାନ୍ଦିନୀ ରାତି ଅଛି ହେଲେ ମୋ ମନର ସାଥୀ ନାହିଁ। କ'ଣ କରିବି ?

*–ବିବେକ ଦାସ, ଢ଼େଙ୍କନାଳ*

**ଉତ୍ତର:** ଆପଣଙ୍କ ପ୍ରେମିକା ଆପଣଙ୍କୁ କଥା ଦେଇ ଯାଇଛି ଯେ ସେ ଫେରି ଆସିବ। ସମୟ ତା' ବାଟରେ ଗଡି ଚାଲିଛି, ପ୍ରତୀକ୍ଷାର ଅନ୍ତ ହେଉନାହିଁ କି ଆପଣଙ୍କ ମନର ମାନସୀ ଆସୁନାହିଁ। ସତରେ, ବଡ ପ୍ୟାଥାଟିକ୍ ! ସବୁଠାରୁ ବଡ କଥା, ଆପଣ ଧୈର୍ଯ୍ୟର ସହ ତାକୁ ଅପେକ୍ଷା କରିଛନ୍ତି। ହେଲେ ସବୁ ଅପେକ୍ଷାର ସୀମା ଥାଏ। ହୁଏତ ଏମିତି ବି ହୋଇପାରେ ସେ ଆଉ କାହା ମନରେ ଘର କରି ସାରିଲାଣି। କଥାରେ ଅଛି– ଅପେକ୍ଷାର ଫଳ ମିଠା। ହେଲେ ସବୁ କ୍ଷେତ୍ରରେ ଏହା ସମ୍ଭବ ହୋଇ ନ ଥାଏ। ତେଣୁ ତାକୁ ଆହୁରି ଅପେକ୍ଷା କରିବେ ନା ସେପରି ପ୍ରେମର ଯବନିକା ଟାଣି ଦେବେ ତାହା ନିଜ ଉପରେ ନିର୍ଭର କରେ।

ଶିକ୍ଷାର ବିକାଶ ଉପରେ ଦେଶର ବିକାଶ ନିର୍ଭର କରେ । ଏଇକଥାକୁ ଯେଉଁ ଦେଶ ଗୁରୁତ୍ୱ ଦେଇଛି ତା'ର ବିକାଶର ଧାରାକୁ କେହି ଅଟକାଇ ପାରି ନାହାନ୍ତି। ଭିଏତନାମ ପରି ବିକାଶଶୀଳ ଦେଶ ବି ଏହାକୁ ବୁଝିଛି । ସେଥିପାଇଁ ତ ଏଠାକାର ଶିକ୍ଷା ବ୍ୟବସ୍ଥା ଏତେ ଉନ୍ନତ ଯେ, ଏହାକୁ ପୃଥିବୀର ସବୁଠାରୁ ଭଲ ଶିକ୍ଷା ବ୍ୟବସ୍ଥା ଥିବା ଦେଶ ଭାବେ ଗଣନା କରାଯାଉଛି..



# ଶିକ୍ଷାରେ ସର୍ବୋତ୍ତମ ଭିଏତନାମ

**ଲୋ**କପ୍ରିୟ ବ୍ରିଟିଶ ମାଗାଜିନ୍ 'ଦ ଇକୋନୋମିଷ୍ଟ'ର ଏକ ଆର୍ଟିକଲ କହେ ଭିଏତନାମର ଜିଡିପି ପର୍ କ୍ୟାପିଟା (ଯାହାକୁ କି ଦେଶର ସର୍ବମୋଟ ଘରୋଇ ଉତ୍ପାଦକୁ ଜନସଂଖ୍ୟା ଦ୍ୱାରା ବିଭାଜନ କରି ଗଣନା କରାଯାଏ ଓ ଯାହା କୌଣସି ଦେଶର ଆର୍ଥିକ ବିକାଶର ମାପକାଠି) ପଡ଼ୋଶୀ ଦେଶ ମାଲେସିଆ, ଥାଇଲାଣ୍ଡଠାରୁ କମ୍। ତେବେବି ଏଠାକାର ପିଲାମାନେ ସବୁଠାରୁ ଭଲ ଶିକ୍ଷା ପାଉଛନ୍ତି। ତା'ସହ ୱାର୍ଲଡ ବ୍ୟାଙ୍କର ରିପୋର୍ଟ ଅନୁସାରେ ଭିଏତନାମର ଛାତ୍ରଙ୍କ ଆଗ୍ରିଗେଟ ଲର୍ନିଂ ସ୍କୋର ମାଲେସିଆ, ଥାଇଲାଣ୍ଡ, ୟୁକେ, କାନାଡାର



ଛାତ୍ରଙ୍କଠାରୁ ୬ଗୁଣ ଭଲ। ଭିଏତନାମ ଶିକ୍ଷା ବ୍ୟବସ୍ଥାର ଏହି ସଫଳତା ପଛରେ ଏଠାକାର ବିଦ୍ୟାଳୟର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଉକ୍ତ ପତ୍ରିକା କହିଛି। ଏହାସହ ୨୦୨୦, ଷ୍ଟକହୋମ୍ ସ୍କୁଲ ଅଫ୍ ଇକୋନୋମିକ୍ସର ଆସୋସିଏଟ୍ ପ୍ର. ଅଭିଜିତ ସିଂଙ୍କ ଦ୍ୱାରା କରାଯାଇଥିବା ଏକ ସର୍ଭେ ଅନୁସାରେ ଇଥିଓପିଆ, ଭାରତ, ପେରୁ ଓ ଭିଏତନାମ ପିଲାଙ୍କର କରାଯାଇଥିବା ଏକ ପରୀକ୍ଷାରେ ଭିଏତନାମର ୫ରୁ ୮ ବର୍ଷ ପିଲାଙ୍କ ଫଳାଫଳ ଭଲ ହୋଇଥିବା ଜଣାପଡ଼ିଥିଲା। ଯାହା ପ୍ରମାଣିତ କରେ ଯେ, ଭିଏତନାମର ସ୍କୁଲ ବ୍ୟବସ୍ଥା କେତେ ଭଲ। ଆଉ ଏହାପଛରେ ଏଠାକାର ଶିକ୍ଷକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ବି ଉକ୍ତ ପତ୍ରିକା ଦାବି କରେ। କାରଣ ଏଠାକାର ଶିକ୍ଷକ ଉଚ୍ଚଶିକ୍ଷିତ ହେବାସହ ପଢାଇବାରେ ବେଶ୍ ଦକ୍ଷ। ଆଉ ଶିକ୍ଷକଙ୍କ ପ୍ରଦର୍ଶନ ଭଲ ହେବା ପଛର କାରଣ ହେଉଛି ସେମାନେ ୱେଲ ମ୍ୟାନେଜ୍ଡ ବା ସୁପରିଚାଳକ ଏବଂ ଉଚ୍ଚ ତାଲିମପ୍ରାପ୍ତ। ତା'ସହ ସେମାନଙ୍କୁ ସ୍ୱାଧୀନତା ଦିଆଯାଇଥାଏ ଯେ, ସେମାନେ କିଭଳି କ୍ଲାସ୍‌କୁ ଅଧିକ ସକ୍ରିୟ କରିବେ ଓ ପିଲାମାନଙ୍କୁ କିଭଳି ଶ୍ରେଣୀ ସହିତ ଅଧିକ ଜଡ଼ିତ ରଖିବେ। ଆଉ ଏକ କଥା, ଭିଏତନାମରେ ପିଲାଙ୍କ ଭଲ ପ୍ରଦର୍ଶନକୁ ନେଇ ଶିକ୍ଷକଙ୍କ ମାନ ନିର୍ଦ୍ଧାରଣ କରାଯାଏ। ଯେଉଁ ଶିକ୍ଷକଙ୍କ ଛାତ୍ରୀଛାତ୍ର ଭଲ ପ୍ରଦର୍ଶନ କରନ୍ତି ସେହି ଶିକ୍ଷକଙ୍କୁ 'ଟିଚର୍ ଏକ୍ସଲେନ୍ସ' ସମ୍ମାନରେ ସମ୍ମାନିତ କରାଯାଏ। ତେଣୁ ଶିକ୍ଷକମାନେ ନିଜର ଶତପ୍ରତିଶତ ଦେବାକୁ ଚେଷ୍ଟା କରନ୍ତି। ଭିଏତନାମରେ ଆଞ୍ଚଳିକ ତାରତମ୍ୟକୁ ଦୂରେଇ ସବୁ ସ୍ଥାନରେ କିଭଳି ଶିକ୍ଷାକୁ ପହଞ୍ଚାଯାଇପାରିବ ଓ ସେଠାକାର ଶିକ୍ଷାର ମାନରେ ଉନ୍ନତି କରାଯାଇପାରିବ ସେଥିପାଇଁ ଭଲ ଶିକ୍ଷକଙ୍କୁ ଅଧିକ ଦରମା ଦେଇ ଦୂର ଦୂରାନ୍ତର ଉପାନ୍ତ ଅଞ୍ଚଳକୁ ପଠାଯାଇଥାଏ। ଏହାବାଦ ଏଠାକାର ସମାଜ ବି ଶିକ୍ଷାକୁ ସବୁବେଳେ ଗୁରୁତ୍ୱ ଦେଇଆସିଛି। ଅର୍ଥାତ୍ ଏଠାକାର ଗରିବ ମାତାପିତା ମଧ୍ୟ ପିଲାଙ୍କ ଶିକ୍ଷା ପାଇଁ ଯଥାସାଧ୍ୟ ଖର୍ଚ୍ଚ କରିବାକୁ ସର୍ବଦା ଚେଷ୍ଟା କରିଥାଆନ୍ତି। ଆଉ ସହରୀ ବାପାମା' ତ ଭଲ ଶିକ୍ଷକ ଥିବା ସ୍କୁଲରେ ହିଁ ପିଲାଙ୍କୁ ପଢାଇଥାନ୍ତି। କାରଣ ଏଠାରେ ବିଶ୍ୱାସ ରହିଛି ଯେ, ଶିକ୍ଷାବ୍ୟବସ୍ଥାର ବିକାଶ ହେଲେ ହିଁ ଦେଶ ଅର୍ଥନୀତିର ବିକାଶ ହେବ।

# ଶିକ୍ଷାର ବିକାଶ ହିଁ ଲକ୍ଷ୍ୟ



**ପ୍ର**ତିଦିନ ସକାଳ ସାଢେ ୪ଟାରେ ସେ ଘରୁ ବାହାରି ପଡନ୍ତି। ମର୍ଣ୍ଣିଂ ୱାକ୍ ଆଉ ମନ୍ଦିର ଦର୍ଶନ ସାରି ଠିକ୍ ୬ଟାରେ ପହଞ୍ଚିଯାଆନ୍ତି ପିଲାମାନଙ୍କ ପାଖରେ। ତା'ପରେ ଆରମ୍ଭ ହୁଏ ପାଠପଢା। ୯ଟାରେ ପାଠପଢା ସାରି ଘରକୁ ଫେରି ପୁଣି ବାହାରି ପଡନ୍ତି ସ୍କୁଲକୁ। ସେମିତି ସ୍କୁଲ ସରିବା ପରେ ୪ଟାରୁ ରାତି ୯ଟା ଯାଏ ବିଭିନ୍ନ ଶ୍ରେଣୀ ହିସାବରେ ଗ୍ରୁପ କରି ପାଠପଢା ହୁଏ। ଆଉ ପଢା ସରିବା ପରେ ଅର୍ଥାତ ରାତି ୯ଟା ପରେ ପ୍ରତିଦିନ ୫ ରୁ ୭ ଜଣ ବିଦ୍ୟାର୍ଥୀଙ୍କ ଘରକୁ ଯାଇ ସେମାନଙ୍କ ଅବିଭାବକଙ୍କୁ ଭେଟି ପିଲାମାନଙ୍କର ପାଠପଢାକୁ ନେଇ ଥିବା ସମସ୍ୟା ସମ୍ପର୍କରେ ବୁଝନ୍ତି। ଏମିତି ସେ କରି ଚାଲିଛନ୍ତି ଦୀର୍ଘ ୩୪ ବର୍ଷ ଧରି। ଇଏ ହେଲେ **ଅମୀୟ କୁମାର ମହାନ୍ତି**। ସ୍ଥାନୀୟ ଅଞ୍ଚଳରେ 'ଅମୀୟ ସାର୍' ଭାବରେ ବେଶ୍ ଜଣାଶୁଣା। ଅମୀୟଙ୍କ ଘର ପୁରୀ ଜିଲ୍ଲା ନିମାପଡାର ଭାଟବନ୍ଧ ବଣିଆ ସାହି ଗ୍ରାମରେ। ଭାଟବନ୍ଧ ସରକାରୀ ବିଦ୍ୟାଳୟରେ ପାର୍ଟ ଟାଇମ୍ ଖେଳ ଶିକ୍ଷକ ହୋଇ ବି ପାଠପଢାକୁ ନିଶା କରିଥିବା ଅମୀୟ କୁହନ୍ତି, 'ବାପା ପିତବାସ ମହାନ୍ତି ଚାଷ କାର୍ଯ୍ୟ କରୁଥିଲେ। ଆମେ ଛଅ ଭାଇ। ପିଲାବେଳେ ଆମ ଘରର ଆର୍ଥିକ ସ୍ଥିତି ବହୁତ ଖରାପ ଥିଲା ଯାହା ମୋ ପାଠପଢାରେ ବାଧକ ସାଜିଥିଲା। ତେଣୁ ମୁଁ ଚିନ୍ତା କଲି ମୋ ଭଳି ପରିସ୍ଥିତିରେ ଥିବା ପିଲାମାନଙ୍କ ପାଠପଢା ପାଇଁ ମୁଁ ସମୟ ଦେବି। ଆଉ ୧୯୮୯ ମସିହାରେ କିଛି ପିଲାଙ୍କୁ ନେଇ ମୁଁ ଆରମ୍ଭ କଲି ପାଠପଢା। ନିଷ୍ପତ୍ତି ନେଲି କେବଳ ଆର୍ଥିକ ସ୍ଥିତି ଯେଉଁମାନଙ୍କର ଭଲ ସେହି ପିଲାଙ୍କଠାରୁ ପଇସା ନେବି। ଅନ୍ୟମାନଙ୍କୁ ସେମିତି ମାଗଣାରେ ଶିକ୍ଷାଦାନ କରିବି। ତେଣୁ ପଇସା କଥା ମୁଁ କେବେ କାହାକୁ କହେନି। ଯାହାର ଯାହା ଇଚ୍ଛା ହୁଏ ସେ ଦିଏ। ଏବେ ମୋ ସହିତ ଆଉ ୯ଜଣ ଶିକ୍ଷକ ବି ପାଠ ପଢଉଛନ୍ତି। ଏବେ ପିଲାଙ୍କ ସଂଖ୍ୟା ୧୬୦ଜଣ। ଅନ୍ୟ ଶିକ୍ଷକମାନେ ବି ପଇସାକୁ ଗୁରୁତ୍ୱ ନ ଦେଇ ପିଲାମାନେ କେମିତି ଅଧିକରୁ ଅଧିକ ଭଲ କରିବେ ସେ ଉପରେ ସବୁବେଳେ ଗୁରୁତ୍ୱ ଦେଇଥାନ୍ତି।'ଆଜି ତାଙ୍କ ପାଖରେ ପଢୁଥିବା ଅନେକ ବିଦ୍ୟାର୍ଥୀ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ଯାହାକୁ ନେଇ ସେ ଖୁବ୍ ଗର୍ବ କରନ୍ତି। ଏଠାରେ ଶିକ୍ଷାଗ୍ରହଣ କରୁଥିବା ବିଦ୍ୟାର୍ଥୀଙ୍କ ମତରେ ଅମୀୟ ସାରଙ୍କ ପାଖରେ ସବୁ ପିଲା ସମାନ। କେବେ କାହାକୁ ପଇସା ପାଇଁ କୁହନ୍ତି ନାହିଁ। ଯିଏ ଦେଇପାରିବ ସେ ଦେଲା, ଯିଏ ନଦେଇ ପାରିବ ତାକୁ ସାର କିଛି ବି କୁହନ୍ତି ନାହିଁ। କୋଭିଡ୍ ସମୟରେ ବି ସାର୍ କୋଭିଡ ନିୟମମାନି ପିଲାଙ୍କ ଘରକୁ ଯାଇ ତାଙ୍କ ପାଠପଢ଼ା କଥା ବୁଝୁଥିଲେ। ଅଭିଭାବକମାନଙ୍କ ମତରେ ଅମୀୟ ସାର ପିଲାମାନଙ୍କର ଖୁବ୍ ଦାୟିତ୍ୱ ନିଅନ୍ତି। ପିଲା କେମିତି ପଢୁଛି ନ ପଢୁଛି ଏକଥା ବି ସେ ରାତିରେ ଅଭିଭାବଙ୍କ ଘରକୁ ଯାଇ ବୁଝନ୍ତି। ନିଜଅଞ୍ଚଳର ସବୁପିଲା କିପରି ଶିକ୍ଷିତ ହେବେ ବିଶେଷକରି ଅର୍ଥାଭାବ ଥିବା ପିଲାମାନେ କେମିତି ପାଠ ପଢ଼ିବେ ସେ ବିଷୟରେ ସବୁବେଳେ ଚିନ୍ତା କରୁଥିବା ଅମୀୟସାର ଅନ୍ୟମାନଙ୍କ ପାଇଁ ଉଦାହରଣ।





ଶ୍ରୀକାନ୍ତ

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

## ହାଃ ହାଃ

### ମନୋବଳ

ଶିକ୍ଷକ: ଜାଣିଛ ପିଲେ, ମନୋବଳ ଦୃଢ ଥିଲେ ପଥରରୁ ବି ପାଣି ବାହାର କରିହେବ।
ଛାତ୍ର: ସାର୍‌, ମୋ ମନୋବଳ ତା'ହେଲେ ସବୁଠୁ ବେଶୀ ଦୃଢ।
ଶିକ୍ଷକ: କେମିତି?
ଛାତ୍ର: ସାର୍‌, ମୁଁ ତ ଲୁହାରୁ ବି ପାଣି ବାହାର କରିପାରେ।
ଶିକ୍ଷକ: ସତ!
ଛାତ୍ର: ହଁ ସାର୍‌, ହ୍ୟାଣ୍ଡପମ୍ପ ମାରିକି।

### ସାୟା

ଯୁବତୀ ଯୁବକଙ୍କୁ: ମୁଁ ତମକୁ କେତେ ଭଲ ପାଉଛି ଜାଣ?
ଯୁବକ: କେତେ?
ଯୁବତୀ: ଏତେ ଯେ, ତମେ ଯୁଆଡ଼େ ଗଲେ ବି ମୁଁ ତୁମ ଛାଇ ହୋଇ ରହିବି। ମାନେ 'ତୁ ଜହାଁ ଜହାଁ ଚଲେଗା ମେରା ସାୟା ସାଥ ହୋଗା..
ଯୁବକ: ମୁଁ ଜାଣିଥିଲି ପରା ତୁ ଗୋଟେ ଭୂତୁଣୀ।

### ସମ୍ଭାଳୁଛି

ସ୍ୱାମୀ ସ୍ତ୍ରୀ ଭିତରେ ପ୍ରବଳ ଝଗଡା ଚାଲିଥାଏ।
ସ୍ତ୍ରୀ: ମୁଁ ଘର ସମ୍ଭାଳୁଛି, ପିଲାଙ୍କୁ ସମ୍ଭାଳୁଛି, ତମ ବାପା ମା'ଙ୍କୁ ସମ୍ଭାଳୁଛି, ତମେ କ'ଣ କରୁଛ?
ସ୍ୱାମୀ: ମୁଁ ନିଜକୁ ସମ୍ଭାଳୁଛି। ମାନେ, ତୁମ ନଶିଲା ଆଖି ଦେଖି ଯେମିତି ସେଥିରେ ନ ବୁଡ଼େ ସେଥିପାଇଁ ଚେଷ୍ଟା କରୁଛି।
ସ୍ତ୍ରୀ ଲାଜେଇକି: ତମେ ବି ନା। ହଉ ଛାଡ଼। କୁହ, ଆଜି ତୁମ ପସନ୍ଦର କ'ଣ ରାନ୍ଧିବି।

# ପେରିୟାର୍ ଜାତୀୟ ଉଦ୍ୟାନ

କେରଳର ଇଡୁକ୍କି ଓ ପଥନମଥିଜ୍ଞା ଜିଲାରେ ଥିବା ପେରିୟାର୍ ଜାତୀୟ ଉଦ୍ୟାନ ହେଉଛି ଏକ ବନ୍ୟପ୍ରାଣୀ ଅଭୟାରଣ୍ୟ। ପ୍ରାୟ ୩୦୫ ବର୍ଗ କି.ମି. ପରିସୀମାବ୍ୟାପ୍ତ ଅଞ୍ଚଳ ଉପରେ ଗଢ଼ି ଉଠିଥିବା ଏହି ଜାତୀୟ ଉଦ୍ୟାନରେ ପର୍ଯ୍ୟଟକ ବିଭିନ୍ନ ପ୍ରଜାତିର ପଶୁପକ୍ଷୀଙ୍କୁ ଦେଖିବା ସହିତ ବୋଟିଂ ଓ ଜଙ୍ଗଲ ସଫାରିର ମଜା ନେଇପାରିବେ...








**ପେ**ରିୟାର୍ ଜାତୀୟ ଉଦ୍ୟାନ ହେଉଛି କେରଳସ୍ଥିତ ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ। ୧୯୩୪ ମସିହାରେ ଗଢି ଉଠିଥିବା ଏହି ବନ୍ୟପ୍ରାଣୀ ଅଭୟାରଣ୍ୟରେ ମୁଖ୍ୟତଃ ବାଘ ଓ ହାତୀଙ୍କ ସୁରକ୍ଷା ପ୍ରତି ବିଶେଷ ଧ୍ୟାନ ଦିଆଯାଇଥାଏ। ତା'ଛଡ଼ା ପର୍ଯ୍ୟଟକ ଏଠାରେ ନାନା କିସମର ବୃକ୍ଷଲତା ସହ ଅନ୍ୟାନ୍ୟ ପଶୁପକ୍ଷୀଙ୍କୁ ବି ଦେଖିପାରିବେ।

**ଇତିହାସ:** ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ, ୧୯୩୪ ମସିହାରେ ତ୍ରାଭାନ୍‌କୋର୍‌ର ମହାରାଜା ଶ୍ରୀ ଚିଥିରା ଥିରୁନାଲ ବଲରାମ ବର୍ମା( ଯିଏକି ସେ ସମୟରେ କେରଳର ବିଭିନ୍ନ ସ୍ଥାନ ଉପରେ ରାଜତ୍ୱ କରୁଥିଲେ) ଏଠାକାର ପେରିୟାର୍ ହ୍ରଦ ନିକଟରେ ଥିବା ପ୍ରାୟ ୯୨୫ ବର୍ଗ କି.ମି. ବ୍ୟାପ୍ତ ଘଞ୍ଚ ଜଙ୍ଗଲକୁ ବ୍ୟକ୍ତିଗତ ସଂରକ୍ଷଣ କେନ୍ଦ୍ର କରିବାକୁ ପ୍ରଥମେ ଚେଷ୍ଟା କରିଥିଲେ। ତା'ପରେ ୧୯୫୦ ମସିହାରେ ସରକାର ଏହି ସଂରକ୍ଷଣ କେନ୍ଦ୍ରକୁ ନିଜ ହାତକୁ ନେଇ ଏହାକୁ ଏକ ବନ୍ୟପ୍ରାଣୀ ଅଭୟାରଣ୍ୟର ମାନ୍ୟତା ଦେଲେ। ଶେଷରେ ୧୯୮୨ ମସିହାରେ ସରକାର ସ୍ଥାନୀୟ ୯୨୫ ବର୍ଗ କି.ମି. ଭିତରୁ ପ୍ରାୟ ୩୦୫ ବର୍ଗ କି.ମି.କୁ ପେରିୟାର୍ ଜାତୀୟ ଉଦ୍ୟାନର ମାନ୍ୟତା ପ୍ରଦାନ କଲେ।

**କ'ଣ ଦେଖିବେ:** ଯେହେତୁ ଏହି ଜାତୀୟ ଉଦ୍ୟାନରେ ବାଘ ଓ ହାତୀଙ୍କ ସୁରକ୍ଷା ପ୍ରତି ଅଧିକ ଗୁରୁତ୍ୱ ଦିଆଯାଇଥାଏ, ତେଣୁ ଏଠାରେ ଏହି ଦୁଇ ପ୍ରାଣୀଙ୍କୁ ଟିକେ ଅଧିକ ମାତ୍ରାରେ ଦେଖିବାକୁ ମିଳେ। ୨୦୧୭ର ଗଣନା ଅନୁସାରେ, ଏଠାରେ ପ୍ରାୟ ୪୦ଟି ମହାବଳ ବାଘ ରହିଥିଲେ। ସେହିପରି ହାତୀ ସଂଖ୍ୟା ବି ଏଠାରେ କିଛି କମ୍ ନୁହେଁ। ତା'ସହିତ ଧଳାବାଘ, ଗୟଳ, ସମ୍ବର, ଜଙ୍ଗଲୀ ଘୁଷୁରି, ବଡ଼ ଆକାରର ଭାରତୀୟ ଗୁଣ୍ଡୁଚିମୂଷା, ଉଡ଼ନ୍ତା ଗୁଣ୍ଡୁଚିମୂଷା, ଜଙ୍ଗଲୀ ବିଲେଇ, ନୀଳଗାଈ, ନେଉଳ ଆଦି ପ୍ରାଣୀଙ୍କୁ ବି ଏଠାରେ ଦେଖିବାକୁ ମିଳେ। ତା'ସହିତ ପ୍ରାୟ ୨୬୬ ପ୍ରଜାତିର ପକ୍ଷୀଙ୍କୁ ବି ଏଠାରେ ଦେଖିବାର ସୁଯୋଗ ରହିଛି। କେବଳ ସେତିକି ନୁହେଁ, ଏହି ଉଦ୍ୟାନରେ ଥିବା ସରୀସୃପ ବିଭାଗରେ ପ୍ରାୟ ୩୦ ପ୍ରଜାତିର ସାପ, ୧୩ ପ୍ରଜାତିର ଝିଟିପିଟି, ଦୁଇ ପ୍ରଜାତିର କଇଁଛ ଆଦି ଦେଖିବାକୁ ମିଳେ। ଏଠାରେ ଦେଖିବାକୁ ମିଳୁଥିବା ପ୍ରାୟ ୧୬୦ ପ୍ରଜାତିର ପ୍ରଜାପତି ବି ପର୍ଯ୍ୟଟକଙ୍କର ମନ କିଣି ନେଇଥାଏ। ଏସବୁବାଦ୍ ଉଦ୍ୟାନ ନିକଟରେ ଥିବା ପେରିୟାର୍ ହ୍ରଦରେ ୪୦ରୁ ଊର୍ଦ୍ଧ୍ୱ ପ୍ରଜାତିର ମାଛ ଦେଖିବାର ମଜା ବି ବେଶ୍ ନିଆରା ଲାଗେ। ତା'ସହିତ ଅନେକ ଜାତିଜାତିକା ବୃକ୍ଷ ଓ ଔଷଧୀୟ ଗଛର ସମ୍ଭାର ଏଠାରେ ଦେଖିବାକୁ ମିଳିଥାଏ।

**ଜଙ୍ଗଲ ସଫାରି ଓ ବୋଟ୍‌ରେ ବସି ବୁଲିପାରିବେ:** ଏଠାକୁ ବୁଲି ଆସୁଥିବା ପର୍ଯ୍ୟଟକ ଜଙ୍ଗଲ ସଫାରିର ମଜା ନେଇପାରିବେ। ତା'ସହିତ ସ୍ଥାନୀୟ ପେରିୟାର୍ ହ୍ରଦରେ ବୋଟ୍‌ରେ ବସି ବୁଲି ବି ପାରିବେ ; ଯାହାକି ପର୍ଯ୍ୟଟକଙ୍କୁ ଭିନ୍ନ ଅନୁଭୂତି ପ୍ରଦାନ କରିବ।

**କେବେ ଓ କେମିତି ଯିବେ:** ବର୍ଷର ଯେକୌଣସି ସମୟରେ ଏଠାକୁ ବୁଲି ଯିବାର ସୁବିଧା ଥିଲେ ହେଁ, ସ୍ଥାନୀୟ ପାଣିପାଗ ସୂଚନାକେନ୍ଦ୍ରର ମତାନୁଯାୟୀ, ଯଦି କୌଣସି ପର୍ଯ୍ୟଟକ ବର୍ଷାଦିନେ ଏଠାକୁ ବୁଲି ଯାଆନ୍ତି, ତା'ହେଲେ ଟିକେ ସାବଧାନତା ଅବଲମ୍ବନ କରିବେ। କାରଣ ବର୍ଷାଦିନେ ଜଙ୍ଗଲିଆ ପରିବେଶରେ ବିଭିନ୍ନ ପ୍ରକାରର ପୋକଜୋକ ବାହାରିଥାନ୍ତି। ଆଉ ପ୍ରାୟତଃ ପଶୁପକ୍ଷୀ ନିଜ ନିଜ ବସାରେ ରହିବାକୁ ପସନ୍ଦ କରିଥାନ୍ତି, ବାହାରକୁ ବେଶି ବାହାରନ୍ତି ନାହିଁ। ତେଣୁ ବର୍ଷାରେ ସେମାନଙ୍କୁ ନିକଟରୁ ଦେଖିବା ଟିକେ କଷ୍ଟ। ସେହିପରି ଏଠାକୁ ଯିବା ପାଇଁ ସଡ଼କପଥ, ରେଳପଥ ତଥା ଆକାଶପଥର ମଧ୍ୟ ବେଶ୍ ସୁବିଧା ରହିଛି। ପର୍ଯ୍ୟଟକଙ୍କୁ ଯେଉଁଥିରେ ସୁବିଧା ସେଥିରେ ଯାଇ ଏଠାରେ ଖୁସିରେ ଭ୍ରମଣ କରିପାରିବେ।








# ଜୁଳୁଜୁଳିଆ ପୋକର କଥା



ସାଧାରଣତଃ ଗାଁଗହଳି ଓ ଜଙ୍ଗଲ ଅଞ୍ଚଳରେ ରାତିରେ ଜୁଳୁଜୁଳିଆ ପୋକଙ୍କୁ ଦେଖିଥିବେ। ଏମାନେ ରାତିର କାଳିମାରେ ନିଜର କ୍ଷୀଣ ଆଲୋକ ମାଧ୍ୟମରେ କିଛି ସ୍ଥାନକୁ ଆଲୋକିତ କରିଥାନ୍ତି। ଏମାନଙ୍କୁ ଅନ୍ଧାର ବହୁତ ପସନ୍ଦ। ଆଉ ଅନ୍ଧାର ଜାଗାରେ ହିଁ ଏହା ନିଜର ସ୍ୱଳ୍ପ ଆଲୋକରେ ଚକ୍ ମକ୍ ହୋଇଥାନ୍ତି। ତେବେ ଅନେକ ସମୟରେ ଭାବୁଥିବେ ଏହି ଛୋଟିଆ ପୋକଟିର ଶରୀରରୁ କେମିତି ଆଲୋକ ନିସୃତ ହୁଏ। ଏହାପଛର ବୈଜ୍ଞାନିକ କାରଣ କ'ଣ? ଜାଣନ୍ତୁ ସେ ସମ୍ପର୍କରେ...

ଜୁଳୁଜୁଳିଆ ପୋକ ବା ଫାୟାର ଫ୍ଲାଏ ଗୋବର ପୋକ ପରି ଏକ ପ୍ରକାରର ପୋକ। ଯାହା ଶରୀରରୁ ଆଲୋକ ବାହାରିଥାଏ। ପ୍ରଥମେ ତ ସମସ୍ତେ ଭାବୁଥିଲେ ଜୁଳୁଜୁଳିଆ ପୋକ ଶରୀରରେ ଫସଫରସ୍ ଅଛି। ସେଥିପାଇଁ ଏହା ରାତିରେ ଆଲୋକିତ ହୁଏ। ତେବେ ପରେ ବୈଜ୍ଞାନିକମାନେ ଏହା ଉପରେ ଅନେକ ଗବେଷଣା କରିବା ପରେ ଜାଣିବାକୁ ପାଇଲେ ଯେ, ଫସ୍‌ଫରସ୍ ପାଇଁ ନୁହେଁ ବରଂ ତା' ପେଟର ସ୍ୱତନ୍ତ୍ର ଅଙ୍ଗରେ ଥିବା ଲୁସିଫେରିନ ନାମକ ପ୍ରୋଟିନ୍ ପାଇଁ ଉକ୍ତ ପୋକର ପେଟରୁ ଆଲୋକ ନିସୃତ ହୋଇ ଚକମକ ଦେଖାଯାଏ। ଏହି ଲୁସିଫେରିନ୍, ଅମ୍ଳଜାନ ଏବଂ ଲୁସିଫେରେଜ ନାମକ ଏନ୍‌ଜାଇମ୍ ସହ ସଂସ୍ପର୍ଶରେ ଆସିଲେ ରାସାୟନିକ ପ୍ରତିକ୍ରିୟା ଘଟି ସେମାନଙ୍କ ପେଟ ଆଲୋକିତ ହୋଇ ଚମକିଥାଏ। ଜୁଳୁଜୁଳିଆ ପୋକର ପେଟ କେବଳ ରାତିରେ ଆଲୋକିତ ହୋଇ ନ ଥାଏ, ବରଂ ଦିନରେ ବି ତା'ର ପେଟରୁ ଆଲୋକ ନିସୃତ ହୁଏ। ଦିନରେ ଅଧିକ ଆଲୋକ ଥିବାରୁ ତା'ର ସ୍ୱଳ୍ପ ଆଲୋକ ଜଣାପଡ଼େ ନାହିଁ। ଏହି ଆଲୋକକୁ ବୈଜ୍ଞାନିକମାନେ 'କୋଲ୍ଡ ଲାଇଟ୍' ବା 'ଶୀତଳ ଆଲୋକ' ବୋଲି କୁହନ୍ତି। ପୋକଟିର ଶତପ୍ରତିଶତ ଉର୍ଜା ଏହି ଆଲୋକ ଦ୍ୱାରା ନିସୃତ ହୋଇଥାଏ। ହେଲେ ଏହି ଆଲୋକରୁ ଉତ୍ତାପ ବାହାରି ନ ଥାଏ। ଜୁଳୁଜୁଳିଆ ପୋକମାନେ ଏହି ଲାଇଟ୍‌ର ଫ୍ଲାଶଦ୍ୱାରା ପରସ୍ପର ସହ ଭାବର ଆଦାନ ପ୍ରଦାନ କରନ୍ତି। ଏହାମାଧ୍ୟମରେ ଅନେକ ସମୟରେ ନିଜ ଅଞ୍ଚଳର ସୀମା ଧାର୍ଯ୍ୟ କରନ୍ତି। ତା'ସହ ପରଭକ୍ଷୀଙ୍କୁ ବି ଉକ୍ତ ଆଲୋକଦ୍ୱାରା ଚେତାବନୀ ଦିଅନ୍ତି। ତେବେ ହି ଆଲୋକର ସବୁଠୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହେଉଛି ସାଥୀକୁ ଆକର୍ଷିତ କରିବା।





# ମଳ ବଦଳରେ ମିଳିବ ଟଙ୍କା



ସକାଳୁ ଉଠିବା ପରେ ଲାଟ୍ରିନ୍‌କୁ ଯିବା ସମସ୍ତଙ୍କର ଏକ ନିତିଦିନିଆ କାମ। ହେଲେ ବେଳେବେଳେ ଇଚ୍ଛା ହୁଏ ଏ କାମ ଯଦି ନ ଥାଆନ୍ତା କେତେ ଭଲ ହୋଇଥାନ୍ତା। ତେବେ ଜାଣି ଆଶ୍ଚର୍ଯ୍ୟ ହେବେ ଏବେ ଏକ କମ୍ପାନୀ ମଳକୁ ନେଇ ଏଭଳି ଅଫର୍ ଦେଉଛି ଯେ, ସବୁଦିନ ଲାଟ୍ରିନ ଯିବାକୁ ଇଚ୍ଛା ହେବ। ଅର୍ଥାତ୍ କମ୍ପାନୀ ମଣିଷ ମଳ ବଦଳରେ ଦେଢ କୋଟି ଟଙ୍କା ଦେବ। ଏକ ରିପୋର୍ଟ ମୁତାବକ କାନାଡା ଓ ଆମେରିକାର କମ୍ପାନୀ ହ୍ୟୁମାନ ମାଇକ୍ରୋବ୍ସ ଷ୍ଟୁଲ ଡୋନର୍ସଙ୍କ ସନ୍ଧାନରେ ଅଛି। ଅର୍ଥାତ୍ କମ୍ପାନୀ ଏଭଳି ଲୋକଙ୍କୁ ଖୋଜୁଛି ଯେକି ନିଜର ମଳ ଗବେଷଣା ପାଇଁ ଦେବ। ଆଉ ପ୍ରତି ବଦଳରେ କମ୍ପାନୀ ସେହି ବ୍ୟକ୍ତିଙ୍କୁ ଦିନପିଛା ୪୧୦୦୦ ଟଙ୍କା ଦେବ। ଯାହାକି ବର୍ଷକୁ ପ୍ରାୟ ୧.୫ କୋଟି ହେବ। ମନରେ ପ୍ରଶ୍ନ ଉଠୁଥିବ କମ୍ପାନୀ ମଳ ସଂଗ୍ରହ କରିବାକୁ କାହିଁକି ଚାହୁଁଛି। ତେବେ କମ୍ପାନୀ ଏମିତି ଯାହାକୁ ନାଇଁ ତାକୁ ଟଙ୍କା ଦେବ ନାହିଁ। ବରଂ ଏହାକୁ ନେଇ ଅନେକ ସର୍ତ୍ତ ରଖାଯାଇଛି। ପ୍ରଥମତଃ କମ୍ପାନୀ ବ୍ୟକ୍ତିଙ୍କ ଦ୍ୱାରା ଏକ ଫର୍ମ ଫିଲ୍ ଅପ୍ କରାଇବ। ଏହାପରେ ଇଣ୍ଟରଭ୍ୟୁ ଓ ଟେଷ୍ଟ ନିଆଯିବ। ଏହି ସମୟରେ ବ୍ୟକ୍ତିଙ୍କ ପରିଚୟ ଗୋପନ ରଖାଯିବ। ମନୁଷ୍ୟ ମଳରେ ସାଧାରଣତଃ କିଛି ଭଲ ଓ କ୍ଷତିକାରକ ବ୍ୟାକ୍ଟେରିଆ ଥାଆନ୍ତି। ଭଲ ବ୍ୟାକ୍ଟେରିଆ କେବଳ ୦.୧ ପ୍ରତିଶତ ମଣିଷଙ୍କ ମଳରେ ଥାଏ। ଆଉ କମ୍ପାନୀ ଏହିଭଳି ଲୋକଙ୍କୁ ହିଁ ଖୋଜୁଛି ଯାହାର ମଳରେ ଭଲ ବ୍ୟାକ୍ଟେରିଆ ଅଛି। ସେମାନଙ୍କ ମଳ ଉପରେ କମ୍ପାନୀ ଗବେଷଣା କରିବ। ଡ୍ରାଏ ଆଇସ୍ ଶିପିଂ ମାଧ୍ୟମରେ ବ୍ୟକ୍ତି ମଳକୁ କମ୍ପାନୀକୁ ପଠାଇବେ। ଆଉ ପ୍ରତିବଦଳରେ ଟଙ୍କା ପାଇବେ।



## କଥା ଚାଟ୍

ଶ୍ରୀମାନ୍ ସର୍ବଗିଳା

# ଉଦ୍‌ଘାଟନ...

ବିଭିନ୍ନ ସୂତ୍ରରୁ ମିଳିଥିବା ବହୁ ଉପୁରି ଅର୍ଥରେ ଅନେକଦିନର ପ୍ରତୀକ୍ଷା ପରେ କେଳୁପଡ଼ା ଗାଁରେ ଖେଳିଯାଇଥିଲା ଖୁସିର ଲହରି । ସଞ୍ଜବୁଡ଼ିଲେ ବୁଢ଼ାବୁଢ଼ୀମାନେ ଯେଉଁ ଭାଗବତ ଟୁଙ୍ଗିରେ ବସି ପୁରାଣ ଶ୍ରବଣ କରୁଥିଲେ, ତା'ର ମାଟିକାନ୍ଥ ଭାଙ୍ଗି ଚାଳଛପର ଉଡିଯାଇ, ଗଲା ଫନୀ ବାତ୍ୟାଠାରୁ ଲାଗୁଥିଲା... ଯେମିତି ଆପଣାର ଲୋକ ମଲା ପରେ ଦଶତୁଠିଆ କାର୍ଯ୍ୟରେ ମୁଣ୍ଡକୁ ନଣ୍ଡା କଲାପରି । ପରେ କିନ୍ତୁ ନଣ୍ଡା ମୁଣ୍ଡରେ ଘଞ୍ଚ କୁଞ୍ଚୁକୁଞ୍ଚିଆ କେଶ ଉଠିଲେ ଯେମିତି ସୌନ୍ଦର୍ଯ୍ୟ ଫେରିଆସେ, ଠିକ୍ ସେମିତି ଦିଶୁଥିଲା ଭାଗବତ ଟୁଙ୍ଗି... ନୂତନ ଛାତଘର –ରଙ୍ଗରେ ସଜେଇ ହୋଇ । ଦୀପ କି ଲଣ୍ଠନ ଜଳୁଥିବା ଘରେ... ଆଖି ଝଲସିଆ ବିଜୁଳି ଆଲୁଅକୁ ଚାରି ଚାରିଟା ପଙ୍ଖା ଘିରି ଘିରି ବୁଲିବା ଦେଖି, ମନେହେଉଥିଲା.. ସତେକି ବୃଦ୍ଧ ଦେହରେ ଯୌବନ ଉଛୁଳିଲା ବାଗିଆ । ସୂରୁଯ ଉଇଁଆସୁଥିବା ପୂରୁବ ଦିଗରେ ଏଇ ଭାଗବତ ଟୁଙ୍ଗିର ନବକଳେବର ଦେଖି ଦାନ୍ତଶୂନ୍ୟ ବୁଢ଼ା-ବୁଢ଼ୀଙ୍କର ପାକୁଆ ହସ... ଲାଗୁଥିଲା ଭାରି ସରସିଆ । ତେଣେ ଗାଁର ପଶ୍ଚିମ ଦିଗରେ ପାଶ୍ଚାତ୍ୟ ଶିକ୍ଷା ପ୍ରଭାବରେ ଆଧୁନିକ ଯୁବ –ବର୍ଗଙ୍କ ମନ-ବାସନା ଚରିତାର୍ଥ କରିବାପାଇଁ ଗଢ଼ିଉଠିଥିଲା... ଗୋଟାଏ ସୁନ୍ଦର ଲମ୍ବା-ଚଉଡ଼ା ଛାତର ପକ୍କା କ୍ଲବଘର । ଏଇସବୁ ଭିତରେ ଗାଁ ମଝିରେ ମଧ୍ୟ ନବୀକରଣ ହୋଇଛି... ନାରୀଙ୍କର ସଶକ୍ତୀକରଣ ଯୋଜନାରେ ଗୋଷ୍ଠୀ କେନ୍ଦ୍ର । ତେଣୁ ଯୁବ-ବୃଦ୍ଧ, ନର-ନାରୀ ସମସ୍ତେ ଖୁସିରେ ଅନେଇଥିଲେ... କୋଉଦିନ କୋଉ ନେତା /ମନ୍ତ୍ରୀ କି ବଡ଼ ଖେଳାଳି ନ ହେଲେ ଚଳଚ୍ଚିତ୍ର ତାରକାଙ୍କ ହସ୍ତରେ କତୁରିରେ ରିବନ କଟାଯାଇ ଉଦ୍‌ଘାଟନ ହେବ । ଆଉ ଗାଁ ଆରପଟରେ କେଉଁ ଜ୍ଞାନୀ ସାଧୁ-ସନ୍ଥଙ୍କ ଦ୍ୱାରା ଭାଗବତ ଘରେ ଉଦ୍‌ଘାଟନର ପ୍ରଥମ ପ୍ରଦୀପ ଜଳିବ ! ଗାଁ ଏ ମୁଣ୍ଡରେ ଉଚ୍ଚ ମଞ୍ଚରେ ଚାଲିବ... ଭାଷଣ ସାଙ୍ଗକୁ ନୃତ୍ୟ –ଗୀତାଦି ପରିବେଷଣ ଓ ସେ ମୁଣ୍ଡରେ... ସାଧୁ-ସନ୍ଥଙ୍କ ପ୍ରବଚନରେ ଏରିଆ କମ୍ପିବ ! ଏଥିପାଇଁ ଯେଉଁ ଅର୍ଥର ଆବଶ୍ୟକ... ତାହା ଆଗରୁ ସାଇତା ହୋଇ ରହିଛି... ଗଲା ନିର୍ବାଚନବେଳେ ବିଭିନ୍ନ ନେତୃବୃନ୍ଦଙ୍କ ସ୍ୱଚ୍ଛ ଦାନର ଖର୍ଚ୍ଚପରେ ଆହୁରି ଲକ୍ଷାଧିକ ଟଙ୍କା । ଯାହା ଗାଁ ମୁରବୀଙ୍କ ଫଣ୍ଡରେ ସୁରକ୍ଷିତ ଅଛି ।

ଗଲା ପନ୍ଦରଦିନ ତଳେ ଟୋକା –ବୁଢ଼ା –ନର –ନାରୀଙ୍କ ମିଳିତ ବୈଠକରେ ନିଷ୍ପତ୍ତି ହେଲା... ଏମିତି ଅତିଥିଙ୍କୁ ନିମନ୍ତ୍ରଣ କରାଯିବ, ଯାହାଙ୍କ କରକମଳରେ ଉଭୟ ଅନୁଷ୍ଠାନ ଉଦ୍‌ଘାଟନ ସାଙ୍ଗକୁ ଗୋଟାଏ ବଡ଼ ଜମାଣିଆ ଭୋଜିଭାତର ଆୟୋଜନ, ନାଚ-ଗୀତର ବ୍ୟବସ୍ଥା କରାଯିବ ! ଏଇ ଶୁଭ-ଖବର ଆଗରୁ ଶୁଣି, ଆସନ୍ତା ନିର୍ବାଚନର ଆଶାୟୀ ପ୍ରାର୍ଥୀମାନେ ଆଗୁଆ ଅନେକକିଛି ଉପହାର ଦେଇ ଆପଣା ବଦାନ୍ୟର ଗୁଣ ପ୍ରଦର୍ଶନ କରି ସାରିଛନ୍ତି । ଏଥିରେ କ୍ଲବଘର ପାଇଁ ଏଲ୍ଇଡି ଟିଭି, ଚେୟାର, ହକି, କ୍ରିକେଟ ଖେଳପାଇଁ ଷ୍ଟିକ, ବ୍ୟାଟ୍, ବଲ ଏବଂ ଭାଗବତ ଘର ତଥା ବୁଢ଼ା-ବୁଢ଼ୀଙ୍କ ଲାଗି ରାମାୟଣ, ମହାଭାରତ, ଭାଗବତ ପୁସ୍ତକ ସହିତ ଯିବା ଆସିବା ସୁବିଧାପାଇଁ ତଡ଼ା ବାଡ଼ି, ଛତା, ଜୋତା... ଏମିତି ଅନେକକିଛି । ଏଥର ମିଳିତ ବୈଠକରେ ଫଇସଲା ହେଲା... ରାଜ୍ୟର ମହାମାନ୍ୟଙ୍କ କର-କମଳରେ ଏଇ ଶୁଭକାର୍ଯ୍ୟ ଉଦ୍‌ଘାଟନ ସୁଚାରୁରୂପେ ଶୃଙ୍ଖଳିତ ଢଙ୍ଗରେ କରାଯିବ !

ତେବେ ଅସଲ କଥାଟିହେଲା... ମହାମାନ୍ୟ ତଥା ତାଙ୍କ ସହ ଆସୁଥିବା ଅନ୍ୟ ସମ୍ମାନନୀୟ ଅତିଥିମାନଙ୍କ ପାଇଁ କ'ଣ କ'ଣ ରନ୍ଧାଯିବ ! ଯୁବଗୋଷ୍ଠୀ ଲେଖି ଆଣିଥିବା ଆଇଟମ୍‌ର ଲମ୍ବାତାଲିକା ପଢ଼ି ଶୁଣାଇବା ଆରମ୍ଭ କରୁକରୁ, ଗାଁ ର ବୁଢ଼ା-ମୁରବୀ ମକର ସାହୁ, କିଆବୁଦାପରି ରଖିଥିବା ତାଙ୍କ ପାଚିଲା ନିଶକୁ ଦୁଇହାତରେ ସାଉଁଳିଦେଇ କଳରେ ଜାକିଥିବା କଡ଼ା ପାନକୁ ହାତରେ କାଢ଼ି ବସିଥିବା ଘରଭିତରୁ ବାହାରକୁ ଫିଙ୍ଗିଲାବେଳକୁ, ବଗୁଲିଆ-ରଙ୍କରାଗୁଆ ନବା ଛାତିରେ ଲଥକରି ପିଚିହୋଇ ପଡିଲା । ରାଗରେ ବସିଥିବା ଜାଗାରୁ ଉଠି କ'ଣ ଗୋଟାଏ କରିବାକୁ ଯାଉ ଯାଉ, ସାଙ୍ଗମାନେ ତା ପାଟିକି ଚାପିଧରି ଭିଡ଼ି ବସେଇ କହିଲେ... ରହିଯା ନବା ! ଏଇନେ ଧୈର୍ଯ୍ୟ ଧର । ସଭା ସରିଲେ ବୁଝାଯିବ ! ପଛପଟୁ ଯୁବଗୋଷ୍ଠୀର ସଭାପତି-କଣ୍ଡୁରିଆ ଉଠି



ତାଲିକା ପାଠକରି ଶୁଣାଇଲା.. ଆମିଷ-ନିରାମିଷ ଭୋଜିହେବ । ମଟନ କଷା, ଚିକେନ-ବିରିୟାନୀ ସାଙ୍ଗକୁ ମସ୍ରୁମ, ପନିର ମସଲା... ଇତ୍ୟାଦି ଭେଜ୍ ଆଇଟମ ହେବ । ମୁରବି-ମକର ସାହୁ ଶୁଣି ଭାରି ଖପାହୋଇ କିଆ ବୁଦିଆ ନିଶକୁ ମୋଡ଼ି ଖାଡାହେଇ କହିଲେ... ଧେ ତେରିକି ! ହେି ରେ, ଏଗୁରା କ'ଣ ଭଦ୍ରଲୋକ ଖାଆନ୍ତି ? ସେ ଅସୁରିଆ ଖାଦ୍ୟ ଛାଡ଼ ! ମୁଁ ମୋ ଅଭିଜ୍ଞତାରୁ ବୟସ୍କ ଦୃଷ୍ଟିରୁ ବୁଝିବିଚାରି ଯାହା କହୁଛି, ତା ମାନ ! କାଗଜ କଲମ ଧରି ନେଖି ପକାଅ । ଏକରେ ଅସଲି ଢିଙ୍କିକୁଟା ଶାରଦ ଉଷୁନା ଚାଉଳର ଅନ୍ନଟେ ହବ । ତା' ସାଙ୍ଗକୁ କୁଞ୍ଚିଆ କୋଳଥ ଡାଲିରେ ଆମ୍ବୁଲ ଫଡ଼ା ପଡ଼ି ଭଲକି ସୋରିଷ ତେଲରେ ରସୁଣ ଛୁଙ୍କ ଦିଆଯାଇ ବଘରାଟାଏ ହବ । ତା' ସାଥିକି ଛୋଟ ମହୁରାଳି ମାଛରେ ସୋରିଷ ବେସରଦେଇ ଅଳପ ରାଗରେ ତରକାରିଟେ ହବ । ଆଉକିଛି ଚୂନାମାଛକୁ ପୋଇ ପତରରେ ହଳଦୀ ବେସର ଗୋଳେଇ ଗୋବର ଘସି ଚୁଲିରେ ପୋଡ଼ାଯାଇ ତେଲ, ଲୁଣ, ଲଙ୍କା, ଅଦା, ପିଆଜ, ରସୁଣ ମିଶେଇ ଛେଚିକି ଚଟଣିଟାଏ ହବ । ହବ ଯେ, ହେଇଟି ! ମୋ କଥା ମନେରଖିଥିବ, ପ୍ରଥମେ ଅଳପ ଦେଇ ପଛକୁ ବହୁତ ରଖିଥିବ । ନଇଲେ ପାଟିରେ ସୁଆଦ ବାରି ଖାଇଦେଇ ପୁଣି ମାଗିଲେ, ଇଜ୍ଜତ ପଳେଇବଟି... ! ମୋ କଥା ପିଲାଏ ମାନ । ଅଝଟ ହୁଅନା... ଏଇଟା ଆମ ଗାଁର ସନମାନ !

ଏ କଥା ଶୁଣି ଯେମିତି ଢଙ୍ଗରେ ଫେଁ ଫେଁ ହୋଇ ଟୋକାମାନେ ହସି ମୁରବୀଙ୍କ କଥାକୁ ଉଡେଇ ଦେଇ ନାହିଁ ନ ଥିବା ଶବ୍ଦରେ ବିସ୍ଫୋରଣ କଲେ, ବିଚରା ବୁଢ଼ା ମୁରବୀଠୁ ସବୁ ବୟସ୍କଙ୍କ ଦେହରେ ଧାନୁଆଁ ଲଙ୍କା ବାଟି ବୋଳିଲା ଭଳିଆ ଲାଗିଲା । ସେମାନେ ରାଗିପାଚି ଉଚ୍ଛନ୍ନ । ମୁରବୀଙ୍କ କଥାକୁ ସମର୍ଥନ ଜଣେଇ, କଡ଼ା ଭାଷାରେ ଟୋକାଙ୍କୁ ଗାଳିଦେଇ ମୋହନ ମଉସା କହିଲେ... ଆରେ ହେ ! ତମ ବୋପା-ମା' କଣ ଏଇଆ ଶିଖେଇଛନ୍ତି ? ବଡ଼ଙ୍କୁ କେମିତି ସମ୍ମାନ ଦିଆଯାଏ ଜାଣିନ ? ଏତକ ଶୁଣି ରଙ୍କରାଗୁଆ ନବା ତ ମୁରବୀଙ୍କ ପାଟିର କଢ଼ାଯାଇଥିବା ପାନ ତା' ଉପରେ ପଡ଼ିଥିବାରୁ ରାଗିକି ଥିଲା, ଏବେ ଉଠି ଗର୍ଜନକରି କହିଲା... ହେି ହେ, ତମେ ଆମ ବୋପା -ମା'ଙ୍କ ନାଁ ଧରିବାକୁ କିଏ ? ଟୋକାଏ ଠିଆହୋଇଯାଇଥିଲେ । ପାଟି ତୁଣ୍ଡ ଗଣ୍ଡଗୋଳ ଚାଲିଲାବେଳେ, ଏଇ ମଉକାରେ ନବା ପଛରୁ ଠେଲିଦେଇ କିଛି ଟୋକାଙ୍କୁ ମୁରବୀଙ୍କ ଉପରେ ପକେଇବା ଦେଖି, ବୁଢ଼ାଏ ଧରିଥିବା ତଡ଼ା ବାଡ଼ି ବୁଲେଇ କେଇଜଣଙ୍କ ପିଠିରେ ଭଲକି ନାଦିଦେଇ ଗଲେ । ଆଉଦଳେ ଆଗରୁ ଆଗରୁ ପାରିବାରିକ କଳହର ପ୍ରତିଶୋଧ ନେବାର ଏଇ ସୁବର୍ଣ୍ଣ ସୁଯୋଗ ହାତେଇଲେ । ଚାଲିଲା ଚାରିଘଣ୍ଟା ରାତିଅଧିଆ ଘମାଘୋଟିଆ ଖଣ୍ଡ-ଯୁଦ୍ଧ । ବୟସ ସମ୍ମାନ ନିର୍ବିଶେଷରେ ଅନେକେ କ୍ଷତ ବିକ୍ଷତ ହୋଇ ବୁହାହୋଇ ଆମ୍ବୁଲାନ୍ସରେ ମେଡିକାଲ ଗଲାପରେ ନାଟ ଲଗେଇଥିବା କିଛି ଭଦ୍ରଲୋକ ଭଲେଇହୋଇ ହାତ ହଲେଇ, ଗାଁ ଦାଣ୍ଡରେ ଠିଆହୋଇ କହୁଥିଲେ... ଆରେ ଆମେ ଯଦି ବୁଦ୍ଧିକରି ଗଣ୍ଡଗୋଳ ରୋକି ନ ଥାନ୍ତୁ... ତେବେ କ'ଣ ନାଇଁ କ'ଣ ହୋଇଯାଇଥାନ୍ତା ହୋ !

ଆଗରୁ କେବେ କଳି ପଶୁ ନ ଥିବା କେଳୁପଡ଼ା ଗାଁରେ ଏବେ ଏମିତିଆ କିଛି ଘଟଣା ସାଧାରଣ ହୋଇଗଲାଣି । ଆଠଦିନ ତଳେ ମହିଳାମାନଙ୍କ ସଶକ୍ତୀକରଣ ଯୋଜନାର ସଫଳ ପରୀକ୍ଷଣ ହୋଇସାରିଥିଲା, ଯେବେ ଉପରୁ ଆସିଥିବା ମୋଟା ଟଙ୍କାର ବଣ୍ଟାକୁଣ୍ଟାକୁ ନେଇ ହିସାବ ନ ତୁଟିବାରୁ ଭାଉଜ, ନାନୀ, ଖୁଡ଼ୀମାନଙ୍କ ମଧ୍ୟରେ ଖରାବେଳେ ଗାଁ ମଝିରେ ଚୁଟି ଧରାଧରି ହୋଇସାରିଥିବା ଏହାର ବଳିଷ୍ଠ ପ୍ରମାଣ ।

ଯା ହେଉ, ଏଇ ଯୁବ-ବୃଦ୍ଧଙ୍କ ଯୁଦ୍ଧର ଚାରିଦିନ ପରେ, ଆତଙ୍କବାଦୀଙ୍କ ବୋମା ଆକ୍ରମଣରେ କୋଠାଘର ଭୁଶୁଡିବାପରି, ଯୁବଶକ୍ତିର କ୍ରୋଧର ବିସ୍ଫୋରଣରେ... ନୂଆକରି ଗଢ଼ାଯାଇଥିବା ଭାଗବତ ଟୁଙ୍ଗି ଭାଙ୍ଗି, ଭଙ୍ଗା କାନ୍ଥଗୁଡା ଯେମିତି ବୃଦ୍ଧମାନଙ୍କ ଧର୍ମଭାବନାକୁ ଦାନ୍ତନିକୁଟି ଉପହାସ କରୁଥିଲା । ସେମାନେ ସଞ୍ଜବୁଡ଼ିଲେ ଘରେ ଦୁଆରକିଳି ବସିଥିଲାବେଳେ, ଦେଶର ଭବିଷ୍ୟତ କୁହାଯାଉଥିବା ଯୁବଗୋଷ୍ଠୀଙ୍କର ଆଖଡ଼ା ଜମୁଥିଲା ଅଣ ଉଦ୍‌ଘାଟିତ କ୍ଲବଘରେ । ନିଇତି ସଞ୍ଜରେ ବ୍ରଏଲର କୁକୁଡ଼ା ମାଉଁସ ଭୋଜିକି ନାଲିପାଣି ବୋତଲ ସାଙ୍ଗରେ । ସ୍ମାର୍ଟ ଫୋନରେ ଟିପ ଘଷି ଅଧିକ ନିଶା ମୁଣ୍ଡକୁ ଚଢିଗଲାପରେ... ଆଲୋଚନା କରୁଥିଲେ –ଏ ଦେଶର ରାଜ୍ୟର ନେତାମାନଙ୍କ ଚରିତ୍ର କେମିତିକା ସୁଧୁରିବ ! ସାରା ଦୁନିଆରେ ଆମ ଭାରତ କେମିତି ଏକ ନମ୍ବର ହେବ !

*– ମଙ୍ଗରାଜ ପୁର, ପୁରୀ   ମୋ:୭୦୦୮୧୮୮୮୪୭*

## ପୁସ୍ତକ ସମୀକ୍ଷା

### ପଣିକିଆ

**ଲେଖିକା:– ବିଦ୍ୟୁତ ମହାନ୍ତି, ପ୍ରକାଶକ:– ତିରତରଙ୍ଗ ପବ୍ଲିକେଶନ, ଭୁବନେଶ୍ୱର, ମୂଲ୍ୟ:– ଟ ୨୨୦.୦୦**


ସୁପରିଚିତ କଥାକାର ବିଦ୍ୟୁତ ମହାନ୍ତିଙ୍କର ଏହା ହେଉଛି ୩ୟ ମିନିଗଳ୍ପ ସଙ୍କଳନ । ଏହା ପୂର୍ବରୁ ପ୍ରକାଶିତ ତାଙ୍କର ଦୁଇଗଳ୍ପ ସଂକଳନ 'କଲୁରୀ ବେଣ୍ଟ' ଓ 'ପୁଲାଙ୍ଗ' ଲତା ମହାନ୍ତି ନାମରେ ପ୍ରକାଶିତ । ତାଙ୍କର ଏହି ତୃତୀୟ ମିନିଗଳ୍ପ ସଂକଳନ 'ପଣିକିଆ'ରେ ରହିଛି ୫୨ଟି ଗଳ୍ପ । ବିଶଲ୍ୟକାରଣୀ, ଚୁଲୀ, ଗୃହିଣୀ ଆଦି ଗଳ୍ପ ଓଡ଼ିଶାର ଗାଉଁଲୀ ଜୀବନ ବିଷୟରେ କହେ । କିଛି ନିତିଦିନିଆ ଘଟଣାକୁ ସେ କୌତୁହଳପ୍ରଦ ଶୈଳୀରେ ବର୍ଣ୍ଣନା କରି ଗଳ୍ପ ଶେଷରେ ଚମକପ୍ରଦ ମୋଡ଼ ଦେଇଥାନ୍ତି । ନିପଟ ଗାଉଁଲୀ ଭାଷା ସହିତ ଅତ୍ୟାଧୁନିକ ଓଡ଼ିଆ ଭାଷାର ମଧୁର ସମ୍ମିଶ୍ରଣ ପୁସ୍ତକଟିକୁ ଆହୁରି ସୁଖପାଠ୍ୟ କରିପାରିଛି ।




### ଚନ୍ଦନ ଚନ୍ଦ୍ରିକା

**ଲେଖକ–ବିରଞ୍ଚି ନାରାୟଣ ପାଣିଗ୍ରାହୀ, ପ୍ରକାଶକ–ଲିପିକା, ନିଜିଗଡକୁରୁଖି, ହରିରାଜପୁର, ଜଟଣୀ, ମୂଲ୍ୟ–୧୮୦ଟଙ୍କା**


ଲେଖକଙ୍କର ଏହି ପୁସ୍ତକଟି ଭଜନ, ଜଣାଣ ଓ ଚଉତିଶାରେ ସମୃଦ୍ଧ । ଏହା ଭାବ, ଭକ୍ତି, ସ୍ୱର ଓ ଭାଷାକୁ ନେଇ ପ୍ରଭୁଙ୍କ ନିକଟରେ ନିବେଦିତ ଏକ ଭକ୍ତି କୁସୁମାଞ୍ଜଳି । ପ୍ରଭୁଙ୍କ ଭାବରେ ନିଜକୁ ଭାବମୟ ନ କଲେ ଲେଖିହୁଏନି । ପୁସ୍ତକଟିରେ ୧୬୫ଟି ଭାବମୟ କବିତା ରହିଛି । ପୁସ୍ତକରେ ପ୍ରକାଶିତ କବିତାଗୁଡିକ ଜଗନ୍ନାଥଙ୍କୁ ବିଭିନ୍ନ ଭାବରେ ସମର୍ପିତ କରାଯାଇଛି । ଏହା ହେଉଛି ଭାବ ଆଉ ସମର୍ପଣର ଲେଖା ଯାହାକୁ ଲେଖକ ଲେଖି ନିଜର ଆତ୍ମତୃପ୍ତି ଅନୁଭବ କରି ନିଜକୁ ଈଶ୍ୱରଙ୍କ ନିକଟରେ ସମର୍ପି ଦେଇଛନ୍ତି । ଏହା ଭକ୍ତି, ଭକ୍ତ ଓ ଭଗବାନଙ୍କର ଭାବ ଓ ଆବେଗ ମିଶ୍ରିତ ଏକ ଭାବ ସମାହାର । ଯାହା ଶ୍ରୋତା ଓ ପାଠକଙ୍କୁ ମୁଗ୍ଧ କରିବ ବୋଲି ଆଶା ।




### ସାଧୁସନ୍ଥଙ୍କ କଥା ଶତକ

**ଲେଖକ–ନଗେନ୍ଦ୍ର ନାଥ ପଟ୍ଟନାୟକ, ପ୍ରକାଶକ–ସୃଜନ ସ୍ୱପ୍ନ ଏଲ୍.ବି.–୨୨୬, ବଡ଼ଗଡ ବ୍ରିଟ୍ କଲୋନୀ ଭୁବନେଶ୍ୱର–୧୮, ମୂଲ୍ୟ– ୨୦୦ଟଙ୍କା**

'ସାଧୁସନ୍ଥଙ୍କ କଥା ଶତକ' ନଗେନ୍ଦ୍ର ନାଥ ପଟ୍ଟନାୟକଙ୍କ ପୁସ୍ତକ । ପୁସ୍ତକଟି ଆଧ୍ୟାତ୍ମିକ ଚିନ୍ତନର ପରିପ୍ରକାଶ । ଭାରତ ବର୍ଷ ସାଧୁସନ୍ଥଙ୍କ ଦେଶ । ମହାତପସ୍ୱୀମାନଙ୍କ ତପସ୍ୟା ଓ ସାଧନାର ଫଳସ୍ୱରୂପ ଯେଉଁ ଅମୃତମୟ ବାଣୀ ନିଃସୃତ ହୋଇ ମଣିଷକୁ ଜୀବନଧାରଣ ପାଇଁ ମହାମନ୍ତ୍ର ପ୍ରଦାନ କରୁଛି ତାହା ଆଜିର ମଣିଷ ଉପଭୋଗ କରି ଧନ୍ୟ ହୋଇଛି, ସେହି କଥାଗୁଡିକ ଭିତରୁ ମାତ୍ର ଶହେଟିକୁ ଏହି ପୁସ୍ତକରେ ସ୍ଥାନୀତ କରାଯାଇଛି । ଆଶା ପୁସ୍ତକଟି ଆଧ୍ୟାତ୍ମ ପ୍ରେମୀଙ୍କୁ ମୁଗ୍ଧ କରିବ ।



ବ୍ୟାକ୍ ପେଜ୍

# ଝୁଲନ୍ତା ଅବସ୍ଥାରେ ପିକ୍‌ନିକ

ପିକ୍‌ନିକ ଯିବାକୁ କାହାକୁ ବା ଭଲ ନ ଲାଗେ । ସୁନ୍ଦର ପ୍ରାକୃତିକ ଦୃଶ୍ୟରାଜି ଥିବା ସ୍ଥାନ ତ ସବୁବେଳେ ସମସ୍ତଙ୍କୁ ପିକ୍‌ନିକ୍ ପାଇଁ ଆକୃଷ୍ଟ କରିଥାଏ । ହେଲେ ଯେଉଁମାନେ ଆଡଭେଞ୍ଚର ପ୍ରିୟ ସେମାନଙ୍କ ପାଇଁ ବ୍ରାଜିଲରେ ଏବେ ଦିଆଯାଉଛି ଏକ ରୋମାଞ୍ଚକର ପିକ୍‌ନିକ୍‌ର ଅନୁଭୂତି । ଏହି ପିକ୍‌ନିକ୍‌ର ଅନୁଭୂତି



ଏମିତି ଯେ, ଏହାକୁ ଆଜୀବନ କେହି ଭୁଲି ପାରିବେ ନାହିଁ । ବ୍ରାଜିଲର ରିଓ ଗ୍ରାଣ୍ଡେ ଡି ଡୁ ସୁଲ୍‌ସ୍ଥ କାସ୍‌କାଟା ଦା ସେପୁଲତୁରା ନାମକ ଜଳପ୍ରପାତର ଦୃଶ୍ୟ ମନୋରମ । ସୁଉଚ୍ଚ ପାହାଡରୁ ବାହାରିଥିବା ଉକ୍ତ ଜଳପ୍ରପାତରେ ଏବେ ଦେଖିବାକୁ ମିଳୁଛି ଏକ ଛାତିଥରା ଦୃଶ୍ୟ । ଜଳପ୍ରପାତର ଉଚ୍ଚତମ ଭାଗରେ ଅନେକ ମେଟାଲ ତାର ସାହାଯ୍ୟରେ ପର୍ଯ୍ୟଟକଙ୍କୁ ଝୁଲନ୍ତା ଅବସ୍ଥାରେ ଝୁଲନ୍ତା କାଠ ଟେବୁଲ ଉପରେ ବସାଇ ଖାଦ୍ୟ ଓ ପାନୀୟ ପରଷା ଯାଉଛି । ଯାହାକୁ ପର୍ଯ୍ୟଟକ ବେଶ୍ ଖୁସିରେ ଖାଉଛନ୍ତି । ସେମାନେ କେବଳ ଗୋଟିଏ ସ୍ଥାନରେ ଝୁଲନ୍ତା ଅବସ୍ଥାରେ ବସି ଖାଇ ନ ଥାନ୍ତି । ବରଂ ଜିପ୍ ଲାଇନ୍ ସାହାଯ୍ୟରେ ଟେବୁଲ ଓ ଗ୍ରାହକଙ୍କୁ ଜଳପ୍ରପାତର କିଛି ଦୂରରୁ ଜଳପ୍ରପାତର ଖୁବ୍ ନିକଟକୁ ନିଆଯାଏ । ଏତେ ପାଖରୁ ଓ ଭୂମିଠାରୁ ଏତେ ଉଚ୍ଚତାରେ ଥାଇ ପିକ୍‌ନିକ୍ ଟେବୁଲରେ ବସି ଖାଇବାର ଅନୁଭୂତି ବେଶ ରୋମାଞ୍ଚକର । ୧୫ ମିନିଟ୍ ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କୁ ଏଭଳି ପିକ୍‌ନିକ୍ କରିବାର ସୁଯୋଗ ଦିଆଯାଏ । ଆଉ ଏଥିପାଇଁ ୪୫୦ଡଲାର ଦେବାକୁ ହୁଏ ।



# ଦିଆସିଲି କାଠିରେ ସଂସାର

କଳାକାରଙ୍କ ଦୁନିଆ ଅଲଗା । ଆଉ ସେମାନେ ସବୁ ଜିନିଷକୁ ଭିନ୍ନ ଏକ ନଜରରେ ବି ଦେଖନ୍ତି । ଏଇ ଯେମିତି କେରଳ, କୋଚିର ବିଭିନ୍ ଲାଲ । ସେ ଜଣେ ଫଟୋଗ୍ରାଫର ସହ ଜଣେ ଦିଆସିଲି କାଠି କଳାକାର । ସେ ଦିଆସିଲି କାଠିରେ ଆଖପାଖର ଦୃଶ୍ୟ ଓ ଘଟଣାବଳୀକୁ ତିଆରି କରନ୍ତି । ସେ ସୁଖି ପରିବାରର ହେଉକି ଗରିବର ଦୁଃଖ, ଯୁଦ୍ଧଭୂମିରେ ଲଢୁଥିବା ଭାରତୀୟ ସେନା ଅବା ଦେବୀଦେବତାଙ୍କ ପ୍ରତିକୃତୀ, ସବୁକିଛିକୁ ସେ ଖୁବ୍ ସୁନ୍ଦରଭାବେ ଦିଆସିଲି କାଠିରେ ରୂପ ଦେଇପାରନ୍ତି । ଆଉ ତାଙ୍କର ପ୍ରତ୍ୟେକ ପ୍ରତିକୃତୀ କହେ କିଛି କାହାଣୀ । ବିଭିନ୍ ହେଉଛନ୍ତି ପ୍ରଥମ ବ୍ୟକ୍ତି ଯେକି ମ୍ୟାଚ୍‌ଷ୍ଟିକ ଭିଡିଓ ପ୍ରସ୍ତୁତ କରିଛନ୍ତି । ଯେଉଁଥିରେ ଏକ ସୁନ୍ଦର କାହାଣୀ ରହିଛି । ଏହି ଭିଡ଼ିଓ ୟୁଆର୍‌ଏଫ ୱାର୍ଲଡ ରେକର୍ଡରେ ସ୍ଥାନ ପାଇଛି ।









# ଘର ପାଲଟିଲା ହମିଂ ବାର୍ଡ ହସ୍ପିଟାଲ



ମେକ୍ସିକୋ ସିଟିର ୭୩ ବର୍ଷୀୟା କାଟିଆ ଲାତୋଫ ଡି ଆରିଦାଙ୍କ ଆପାର୍ଟମେଣ୍ଟ ଏବେ ହମିଂ ବାର୍ଡ ହସ୍ପିଟାଲ ବା ହମିଂବାର୍ଡ ଅଭୟାରଣ୍ୟ ଭାବେ ପରିଚିତ । ଆଉ କାଟିଆ ହମିଂବାର୍ଡଙ୍କ କେୟାର ଟେକର୍ ଭାବେ ପରିଚିତ ହେଉଛନ୍ତି । କାରଣ ତାଙ୍କ ଘର ଭିତରେ ବିନା ଡ଼ର ଭୟରେ ଘୁରି ବୁଲନ୍ତି ଅନେକ ହମିଂବାର୍ଡ । ତେବେ ଏସବୁ ହମିଂବାର୍ଡ ଦିନେ ଥିଲେ ଅସୁସ୍ଥ । କାଟିଆ ସେମାନଙ୍କର ଯତ୍ନ ନେଇ ସେମାନଙ୍କୁ ଦେଇଛନ୍ତି ନୂଆ ଜୀବନ । ୨୦୧୧ରୁ କାଟିଆ ହମିଂବାର୍ଡଙ୍କ ଯତ୍ନ ନେବା କାମ ଆରମ୍ଭ କରିଛନ୍ତି । ସେତେବେଳେ ସେ ସ୍ୱାମୀଙ୍କୁ ହରାଇଥାନ୍ତି । ଆଉ ଏକୁଟିଆ ନିଜ କ୍ୟାନ୍ସର ରୋଗ ସହ ଲଢେଇ କରୁଥାନ୍ତି । ଫଳରେ କାଟିଆ ମାନସିକ ଅବସାଦଗ୍ରସ୍ତ ହୋଇ ଯାଇଥାନ୍ତି । ହେଲେ ଥରେ ସେ ରାସ୍ତାରେ ଗଲାବେଳେ ଆଖିରେ ଆଘାତ ଲାଗିଥିବା ଏକ ହମିଂବାର୍ଡ ପାଇଲେ । ଆଉ ତାକୁ ଘରକୁ ନେଇ ଆସିଲେ । ସେମାନଙ୍କର ଯତ୍ନ କିଭଳି ନିଆଯିବ ଜାଣି ନ ଥିବାରୁ ଜଣେ ସାଙ୍ଗଙ୍କ ସାହାଯ୍ୟ ଲୋଡିଥିଲେ । ଆଉ ଅନେକ କଷ୍ଟପରେ ହମିଂ ବାର୍ଡଟି ନୂଆ ଜୀବନ ଫେରି ପାଇଥିଲା । ଯାହା କାଟିଆଙ୍କୁ ମାନସିକ ଶାନ୍ତି ପ୍ରଦାନ କରିଥିଲା । ଏହାପରେ କିଛି ଲୋକ କ୍ଷତବିକ୍ଷତ ହମିଂବାର୍ଡ ଆଣି ତାଙ୍କୁ ଦେଲେ । କାଟିଆ ସେଇ କୁନି ଚଢେଇଙ୍କର ବି ଯତ୍ନ ନେଇ ସେମାନଙ୍କୁ ସୁସ୍ଥ କଲେ । ଆଉ ସୁସ୍ଥ ହେବାପରେ ଚଢେଇଗୁଡିକ ତାଙ୍କ ଘରସାରା ଘୁରି ବୁଲିଲେ । ପରେ ସେ ତାଙ୍କୁ ଜଙ୍ଗଲରେ ଛାଡି ଦିଅନ୍ତି । ହେଲେ ପୁଣିଥରେ ସେମାନେ ଘରକୁ ଚାଲି ଆସନ୍ତି । ଆଉ ତାଙ୍କ ଘରେ ଆରାମରେ ଉଡି ବୁଲନ୍ତି । ଯାହାକି ତାଙ୍କ ମାନସିକ ଅବସାଦ ସହ ରୋଗରେ ବି ଅନେକ ଉପଶମ ପ୍ରଦାନ କଲା । ସେବେଠାରୁ ଆଜିଯାଏ ସେ ଅନେକ ହମିଂବାର୍ଡଙ୍କ ଜୀବନଦାତ୍ରୀ ପାଲଟିଛନ୍ତି ।